بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସମ୍ପାଦକ:
କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍

Weekly BADAR Qadian Odia

କାଦିଆନ

ସଂଖ୍ୟା: 16-17

ବାର୍ଷିକ ଦେୟ: 600/-

27 ଶୱାଲ-05 ଜୁଲ୍ କାଆଦା, 1447 ହି.କ, 16-23 ଶାହାଦତ୍ 1405 ହି.ଶ, 16-23 April 2026 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

وَلَقَدۡ کَتَبۡنَا فِی الزَّبُوۡرِ مِنۡۢ بَعۡدِ الذِّکۡرِ

اَنَّ الۡاَرۡضَ یَرِثُہَا عِبَادِیَ الصّٰلِحُوۡنَ ○

اِنَّ فِیۡ ہٰذَا لَبَلٰغًا لِّقَوۡمٍ عٰبِدِیۡنَ ○

وَمَاۤ اَرۡسَلۡنٰکَ اِلَّا رَحۡمَۃً لِّلۡعٰلَمِیۡنَ ○

(ଅଲ୍ ଅମ୍ବିୟା: 106-108)

**ଅନୁବାଦ**: ଏବଂ ଆମ୍ଭେ ଜବୁର୍ ଧର୍ମ ଗ୍ରନ୍ଥରେ କେତେକ ଉପଦେଶ ପ୍ରଦାନ କଲା ପରେ ଏହାକୁ ଲିପିବଦ୍ଧ କରିଅଛୁ ଯେ, ଆମ୍ଭର ଧର୍ମନିଷ୍ଠ ଭକ୍ତମାନେ ହିଁ ଏ ପବିତ୍ର ଭୂଖଣ୍ଡର ଉତ୍ତରାଧିକାରୀ ହେବେ। ଏଥିରେ ଅର୍ଥାତ ଏହି ବୃତ୍ତାନ୍ତରେ ସେହି ସଂପ୍ରଦାୟ ପାଇଁ ଏକ ସମାଚାର ରହିଅଛି ଯେଉଁମାନେ ଉପାସନା କରନ୍ତି ଏବଂ ହେ ମୁହମ୍ମଦ୍ ! ଆମ୍ଭେ ତୁମ୍ଭଙ୍କୁ ସାରା ସଂସାର ନିମନ୍ତେ କରୁଣା ରୂପେ ଗଢି ପ୍ରେରଣ କରିଅଛୁ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

### ଆରବ୍ୟମାନଙ୍କ କାଳ ଓ ବିନାଶ ସଂପର୍କିତ ଭବିଷ୍ୟବାଣୀ ।

عَنۡ اُمِّ الۡمُؤۡمِنِیۡنَ زَیۡنَبَ بِنۡتِ جَحۡشٍ رَضِیَ اللّٰہُ عَنۡہَا اَنَّ النَّبِیَّ صَلَّی اللّٰہُ عَلَیۡہِ وَسَلَّمَ دَخَلَ عَلَیۡہَا فَزِعًا یَقُوۡلُ: لَاۤ اِلٰہَ اِلَّا اللّٰہُ وَیۡلٌ لِّلۡعَرَبِ مِنۡ شَرٍّ قَدِ اقۡتَرَبَ فُتِحَ الۡیَوۡمَ مِنۡ رَدۡمِ یَاۡجُوۡجَ وَمَاۡجُوۡجَ مِثۡلُ ہٰذِہٖ۔ وَحَلَّقَ بِاِصۡبَعَیۡہِ الۡاِبۡہَامِ وَالَّتِیۡ تَلِیۡہَا فَقُلۡتُ یَا رَسُوۡلَ اللّٰہِ اَنَہۡلِکُ وَفِیۡنَا الصَّالِحُوۡنَ: قَالَ نَعَمۡ اِذَا کَثُرَ الۡخَبَثُ۔

**(ବୁଖାରୀ କିତାବୁଲ୍ ଫିତନ୍, ବାବ୍-କୌଲନ୍ ନବୀ ସ.ଅ ୱୈଲୁଲ୍ଲିଲ୍ ଅରବି ମିନ୍ ଶରରିନ୍ କଦିକତରବା, ଗ୍ରନ୍ଥ ଖଣ୍ଡ-2, ପୃ-1046)**

ହ. ଜୈନବ୍ ବିନତ୍ ଜହଶ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ରସୁଲୁଲ୍ଲାଃ ସ.ଅ ତାଙ୍କ ପାଖକୁ ଘାବରେଇ ହୋଇ ଆସିଲେ ଏବଂ କହିବାକୁ ଲାଗିଲେ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ଯେଉଁ ଉପଦ୍ରବ ଏବଂ ପାପ ନିକଟବର୍ତ୍ତୀ ହୋଇଯାଇଛି ସେହି ଉପଦ୍ରବ ତଥା ପାପ ଆଜି ୟାଜୁଜ୍ ଓ ମାଜୁଜ୍ କାନ୍ଥରୁ ଟିକିଏ କଣା ହୋଇଯାଇଛି ତାହା ହିଁ ଆରବ୍ୟମାନଙ୍କ କାଳ ଓ ବିନାଶର କାରଣ ହେବ । ଆଁହଜରତ୍ ସ.ଅ ସ୍ପଷ୍ଟୀକରଣ ଏବଂ ବ୍ୟାଖ୍ୟା ନିମନ୍ତେ ନିଜର ଦୁଇ ଆଙ୍ଗୁଠି ଏବଂ ସଂଲଗ୍ନ ଆଙ୍ଗୁଠିକୁ ବର୍ତ୍ତୁଳାକାର କଲେ (ଗୋଲ କଲେ) । ମୁଁ (ହ. ଜୈନବ୍ ବିନତ୍ ଜହଶ୍ ର.ଅ) କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆମମାନଙ୍କର ବିପର୍ଯ୍ୟୟ ଓ ବିନାଶ ଘଟିବ ? ଅପରପକ୍ଷେ ଆମମାନଙ୍କ ମଧ୍ୟରେ ପୁଣ୍ୟବାନ୍ ଏବଂ ସାଧୁ ଲୋକମାନେ ମଧ୍ୟ ବିଦ୍ୟମାନ (ଉପସ୍ଥିତ) ଥିବେ । ଆପଣ ସ.ଅ କହିଲେ, ହଁ ସେ ପରିପ୍ରେକ୍ଷୀରେ ଖୁବ୍‌ସ୍ (ଅପବିତ୍ର ଦୁଷ୍ଟାତ୍ମା, ଅପବତ୍ରତା) ଏବଂ ପାପ ବୃଦ୍ଧି ପାଇବ । ଖୁବସ୍ ଓ ପାପ ପୁଣ୍ୟ ଉପରେ ବିଜୟ ପ୍ରାପ୍ତ କରିବ । ☆--☆--☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ପବିତ୍ର ଭୂମି ପୁଣ୍ୟବାନ୍ ଏବଂ ସଦାଚାରୀମାନଙ୍କର ସମ୍ପତ୍ତି (ଅଧିକାର) ଅଟେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଉକ୍ତ ଆୟତରୁ ଏହା ସ୍ପଷ୍ଟ ଜଣା ପଡୁଛି ଯେ, ଅଲ୍ ଅର୍ଜରୁ ଯଥାର୍ଥ ସିରୀୟାର ଭୂଖଣ୍ଡ ଅଟେ । ଏହା ପୁଣ୍ୟବାନ ଏବଂ ସଦାଚାରୀମାନଙ୍କର ସମ୍ପତ୍ତିଗତ ଅଧିକାର ଅଟେ। ଏହା ଏଯାବତ୍ ମୁସଲମାନମାନଙ୍କ ଅକ୍ତିଆରରେ (ଅଧିକୃତ ହୋଇ) ରହିଛି । ତେଣୁ ଈଶ୍ୱର یَرِثُہَا କହିଲେ, یَمۡلِکُہَا କହିଲେ ନାହିଁ । ତହିଁରୁ ଏହା ସ୍ପଷ୍ଟ ହୋଇଯାଏ ଯେ, ମୁସଲମାନମାନେ ହିଁ ସେହି ଭୂଖଣ୍ଡର ଉତ୍ତରାଧିକାରୀ ହୋଇ ରହିବେ ଏବଂ ଯଦି ଅନ୍ୟ କୌଣସି ବ୍ୟକ୍ତିର ଅଧୀନକୁ ଭୂଖଣ୍ଡ ଚାଲିଯାଏ ତେବେ ତାହା ଏହି ପ୍ରକାରର ଅଧିକାର ହେବ ଯେପରି ବନ୍ଧକକର୍ତ୍ତା ନିଜ ଜିନିଷର ଅଧିକାର ବନ୍ଧକଧାରୀକୁ ଦେଇଥାଏ । ଏ ହେଉଛି ଈଶ୍ୱରଙ୍କ ଭବିଷ୍ୟବାଣୀର ମାହାତ୍ମ୍ୟତା ଅଟେ । ଯେହେତୁ ସିରୀୟା ଅବତାରମାନଙ୍କର ଭୂମି ଅଟେ । ତେଣୁ ଅଲ୍ଲାଃତାଲା ଏହି ଭୂମି ପ୍ରତି ଅସମ୍ମାନ ପ୍ରଦର୍ଶନ କରିବାକୁ ଚାହାନ୍ତି ନାହିଁ ଯଦ୍ଦ୍ୱାରାକି ଏହି ଭୂମି ଅଣଧର୍ମାବଲମ୍ବୀମାନଙ୍କ କବଜାକୁ ଚାଲିଯାଉ ।"

یَرِثُہَا عِبَادِیَ الصَّالِحُوۡنَ ରେ ଅଲ୍ଲାଃତାଲା କହିଲେ, ସଦାଚାରୀ ଓ ପୁଣ୍ୟବାନ୍‌ର ଅର୍ଥ ଅନ୍ତତଃ ସାମର୍ଥ୍ୟତା ଓ ଯୋଗ୍ୟତାର ମୂଳଦୂଆ ଅନୁଯାୟୀ ପଦକ୍ଷେପ ନେବା ଉଚିତ୍ । ବିଶ୍ୱାସକାରୀର ଯେଉଁ ପ୍ରକାରଭେଦ ପବିତ୍ର କୁରଆନ୍ କରୀମ୍‌ରେ କରାଯାଇଛି ତାହାର ତିନୋଟି ସ୍ତର ଅଲ୍ଲାଃତାଲା ଧାର୍ଯ୍ୟ କରିଛନ୍ତି । ଅତ୍ୟାଚାରୀ, ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନକାରୀ ଓ ପୁଣ୍ୟ କାର୍ଯ୍ୟରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଗ୍ରସର ହେଉଥିବା ବ୍ୟକ୍ତି । ଏହା ସେମାନଙ୍କର ସ୍ତର ଅଟେ । ଅନ୍ୟଥା ଇସ୍‌ଲାମ୍ ଧର୍ମରେ ଏହି କଥା ପ୍ରବିଷ୍ଟ ରହିଛି ଯେ, ଅତ୍ୟାଚାରୀ ସେହି ବ୍ୟକ୍ତିକୁ କୁହାଯାଏ, ଯେଉଁ ବ୍ୟକ୍ତି ମଧ୍ୟରେ ଅସଂଖ୍ୟ ଦୋଷତ୍ରୁଟି ଏବଂ ଦୋଷ ଦୁର୍ବଳତା ରହିଥାଏ । ମଧ୍ୟବର୍ତ୍ତୀ ପନ୍ଥା କହିଲେ ସେହି ପନ୍ଥାକୁ ବୁଝାଏ ଯେ, ଆତ୍ମା ଏବଂ ସୈତାନ ସହିତ ବ୍ୟକ୍ତିର ଯୁଦ୍ଧ ଏବଂ ସଂଘର୍ଷ ହୋଇଥାଏ । ହେଲେ ସୈତାନ୍ କେତେବେଳେ ବ୍ୟକ୍ତିର ଆତ୍ମା ଉପରେ ବିଜୟ ପ୍ରାପ୍ତ କରିଥାଏ ତ' ଆଉ କେତେବେଳେ ଆତ୍ମା ସୈତାନ୍‌କୁ ପରାସ୍ତ କରିଥାଏ (ସୈତାନ୍ ପରାସ୍ତ ହୋଇଥାଏ) । କିଛି ତ୍ରୁଟି ବିଚ୍ୟୁତି ମଧ୍ୟ ହୋଇଥାଏ ଏବଂ ସାମର୍ଥ୍ୟତା ମଧ୍ୟ ଓ ପୁଣ୍ୟ କାର୍ଯ୍ୟରେ ପ୍ରତିସ୍ୱର୍ଦ୍ଧିତ ମନୋଭାବ ରଖି ଅଂଶ ଗ୍ରହଣ କରିଥାଏ । ତପ୍‌ରେ ଉଭୟ ପ୍ରକାରର ସ୍ତର ଠାରୁ ବାହରି ନିୟମିତ ରୂପେ ପୁଣ୍ୟ କର୍ମ ସମ୍ପାଦନ କରିବା ନିମନ୍ତେ ଆଗେଇ ଆସେ ଏବଂ ଏଥି ନିମନ୍ତେ ସଂପୂର୍ଣ୍ଣ ରୂପେ ଯୋଗ୍ୟତା ଥିବା ଉଚିତ୍ । ଆତ୍ମା ଏବଂ ସୈତାନକୁ ବ୍ୟକ୍ତି ପରାସ୍ତ କରି ସାରିଥିବ ଉଚିତ୍ । ପବିତ୍ର କୁରଆନ୍ କରୀମ୍ ଏହି ସମସ୍ତଙ୍କୁ ମୁସଲମାନ ବୋଲି ଅଭିହିତ କରିଛି । **(ଅଲ୍ ହକମ୍, ସଂଖ୍ୟା-6, ସଂଖ୍ୟା-1902 ମସିହା ନଭେମ୍ବର ମାସ 10 ତାରିଖ ପୃ-07)** ☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ପବିତ୍ର ଭୂଖଣ୍ଡର ଅଧିକାରୀ ହେବେ"عبادی الصالحون"।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା 105 وَّقُلۡنَا مِنۡۢ بَعۡدِہٖ لِبَنِیۡۤ اِسۡرَآءِیۡلَ اسۡکُنُوا الۡاَرۡضَ فَاِذَا جَآءَ وَعۡدُ الۡاٰخِرَۃِ جِئۡنَا بِکُمۡ لَفِیۡفًا ର ବ୍ୟାଖ୍ୟା କରି କୁହନ୍ତି: "اسۡکُنُوا الۡاَرۡضَ ତହିଁରୁ ଇସ୍ରାଇଲ୍‌ର ଭୂଖଣ୍ଡ ଯଥାର୍ଥ ନୁହେଁ । କାରଣ ମିସର୍‌ରେ ତ' ସେ ବସତି ସ୍ଥାପନ କଲେ ନାହିଁ । ତହିଁରୁ କିନ୍‌ଆନ୍ ଦେଶ ଯଥାର୍ଥ ଅଟେ । ଅର୍ଥାତ୍ ସେହି ଦେଶ ଯେଉଁ ଦେଶ ସଂପର୍କରେ ତୁମକୁ ପ୍ରତିଶୃତି ପ୍ରଦାନ କରାଯାଇଛି । ଅତଏବ୍ ଅଲ୍ ଅର୍ଜରୁ ଯଥାର୍ଥ ଅଙ୍ଗୀକୃତ ଭୂମି (ଭୂଖଣ୍ଡ) ଅଟେ। ରସୁଲ୍ କରୀମ୍ ସ.ଅଙ୍କୁ ମୁସା ଅ.ସଙ୍କ ଉପରେ ଏହି ଶ୍ରେଷ୍ଠତା ପ୍ରାପ୍ତ ହୋଇଛି ଯେ, ହ. ମୁସା ଅ.ସଙ୍କୁ ଯେଉଁ ଭୂଖଣ୍ଡ ପ୍ରାପ୍ତ ହେଲା ତାହା ମିସର୍‌ର ପ୍ରତିଷ୍ଠାନିକ ଥିଲା । ରସୁଲ୍ କରୀମ୍ ସ.ଅଙ୍କୁ ଠିକ୍ ସେହି ସ୍ଥାନ ମିଳିଲା ଯାହା ଆପଣ ସ.ଅଙ୍କ ମାତୃଭୂମି ଥିଲା। ପୁନଶ୍ଚ ଆପଣ ସ.ଅଙ୍କ ଅକ୍ତିଆରକୁ ଶତ୍ରୁ ଦେଶ ମଧ୍ୟ ଆସିଲା । فَاِذَا جَآءَ وَعۡدُ الۡاٰخِرَۃِ ଅର୍ଥାତ୍ ବର୍ତ୍ତମାନ ତୁମେ କିନ୍‌ଆନ୍ ଠାକୁ ଯାଅ । କିନ୍ତୁ କିଛି କାଳ ପରେ ତୁମକୁ ସେଠାରୁ ବାହାରିବାକୁ ପଡ଼ିବ (ପ୍ରବାସ) । ପୁନଶ୍ଚ ଈଶ୍ୱର ତୁମକୁ ଫେରାଇ ଆଣିବେ । ତୁମେମାନେ ପୁଣି ଅବଜ୍ଞା ପ୍ରଦର୍ଶନ କରିବ ଏବଂ ଦ୍ୱିତୀୟ ଥର ଶାସ୍ତି ଆସିବ, ତପ୍‌ରେ ତୁମମାନେ ମାତୃଭୂମିରୁ ନିର୍ବାସିତ ହେବ । ଏପର୍ଯ୍ୟନ୍ତକି ତୁମମାନଙ୍କ ସଦୃଶ ଜାତି ସଂକ୍ରାନ୍ତରେ ଯେଉଁ ବିନାଶର ସୂଚନା ରହିଛି ତା'ର ସମୟ ଯେତେବେଳେ ଆସିଯାଏ ସେତେବେଳେ ତୁମମାନଙ୍କୁ ଏକତ୍ରିତ କରି ପବିତ୍ର ଭୂଖଣ୍ଡକୁ ଫେରାଇ ଅଣାଆଯିବ ।

ଉକ୍ତ ଆୟତରୁ ଏହା ପ୍ରକାଶ୍ୟ ଯେ, ଯେଭଳି ବନି ଇସ୍ରାଇଲ୍ ନିମନ୍ତେ ଦୁଇଟି ବିନାଶର ସୂଚନା ଉକ୍ତ ସୁରାଃରେ ପ୍ରଦାନ କରାଯାଇଥିଲା **(ଅବଶିଷ୍ଟାଂଶ...ପୃ-11ରେ)**



## ସମ୍ପାଦକୀୟ

## ଐଶୀବାଣୀର ପ୍ରକାଶରେ ହକମ୍ ଓ ହଦଲ (ହ. ମସିହ୍ ମଉଦ୍ ଅ.ସ)ଙ୍କ ନିର୍ଣ୍ଣୟ

ପୁଣ୍ୟଶ୍ଳୋକ ସୟେଦିନା ହ. ମୁହମ୍ମଦ୍ ମୁସ୍ତଫା ସ.ଅ ଇମାମ୍ ମେହଦୀ ଅ.ସଙ୍କ ଆଗମନ ସଂପର୍କରେ ଶୁଭ ସୂଚନା ପ୍ରଦାନ କରି କହିଥିଲେ ଯେ, ସେ ଅର୍ଥାତ୍ ଇମାମ୍ ମେହଦୀ ଇସ୍‌ଲାମ୍ ଧର୍ମରେ ହକମ୍ ଓ ଅଦଲ୍ (ନିର୍ଣ୍ଣୟକାରୀ ଓ ବିଚାରକ) ହୋଇ ଆସିବ । ଉକ୍ତ ପବିତ୍ର ହଦିସ୍‌ର ଶବ୍ଦାବଳୀ ନିମ୍ନରେ ପ୍ରଦାନ କରାଗଲା ।

يُوشِكُ مَنْ عَاشَ مِنْكُمْ أَنْ يَلْقَى عِيسَى ابْنَ مَرْيَمَ إِمَامًا مَهْدِيًّا وَحَكَمًا عَدْلًا، فَيَكْسِرَ الصَّلِيبَ، وَيَقْتُلَ الْخِنْزِيرَ **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-2, ପୃ-411, ପ୍ରକାଶନ ସ୍ଥାନ- ମିସର୍, ବର୍ଣ୍ଣନାକାରୀ-ହ. ଅବୁ ହୁରୈରାବ୍ ର.ଅ)**

**ଅନୁବାଦ୍:** ଅର୍ଥାତ୍ ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଯେ, ତୁମେମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ଜୀବିତ ରହିବ ସେ ହ. ଇସା ଇବ୍‌ନେ ମରିୟମ୍‌ଙ୍କୁ ଅବଶ୍ୟ ଭେଟୁ (ସାକ୍ଷାତ୍ କରୁ) । କାରଣ ସେହି ଇମାମ୍ ମେହଦୀ ହକମ୍ ଏବଂ ଅଦଲ୍ ହେବେ । ଇସ୍‌ଲାମ୍ ଧର୍ମରେ ଥିବା ନାନା ମତପାର୍ଥକ୍ୟର ବିଚାର କରିବେ । ସେ ଶୂଳୀକୁ ଭାଙ୍ଗିଦେବେ ଓ ଶୂକର(ଘୁଷୁରି)ମାନଙ୍କୁ ସଂହାର କରିବେ ।

ଚର୍ଚ୍ଚିତ ହଦିସ୍‌ରେ ଯେଉଁ ପ୍ରସଙ୍ଗ ସଂକ୍ରାନ୍ତରେ କୁହାଯାଇଛି ଯେ, ମସିହ୍ ମଉଦ୍ ଅ.ସ ହକମ୍ ଓ ଅଦଲ୍ ହେବେ, ତେବେ ଏହାର ଅର୍ଥ ସ୍ପଷ୍ଟ ଯେ, ତାଙ୍କ କାଳରେ ମୁସଲମାନମାନଙ୍କର ଅନେକ ସଂପ୍ରଦାୟ ହୋଇଯିବ ଏବଂ ସେମାନଙ୍କ ମଧ୍ୟରେ ଘୋର ଅନ୍ତର୍ଦ୍ୱନ୍ଦ୍ୱ ଦେଖିବାକୁ ମିଳିବ ଓ ସେମାନେ ଇସ୍‌ଲାମୀୟ ଆସ୍ଥା ଏବଂ ଆଦେଶାବଳୀକୁ ବୁଝିବାରେ ଭ୍ରମର ଶିକାର ହେବେ । ଏପର୍ଯ୍ୟନ୍ତକି ବିଦ୍ୱାନ୍‌ମାନେ ମଧ୍ୟ ସେହି ମତଭେଦକୁ ଦୂର କରିବା ନିମନ୍ତେ ସକ୍ଷମ ହୋଇ ପାରିବେ ନାହିଁ । ସେତେବେଳେ ଇମାମ୍ ମେହଦୀ ଯେକି ଈଶ୍ୱରଙ୍କ ପ୍ରତିନିଧି ହେବେ ସେ ଐଶୀବାଣୀର ପ୍ରକାଶରେ ସେମାନଙ୍କର ସେହିସବୁ ମତପାର୍ଥକ୍ୟକୁ ଦୂର କରିଦେବେ ।

ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସଙ୍କୁ ଯେତେବେଳେ ଅଲ୍ଲାଃତାଲା ଇମାମ୍ ମେହଦୀ ଏବଂ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହଦୀ ବା ଧର୍ମାଧକ୍ଷ) ଆସନରେ ଆସୀନ କଲେ ସେତେବେଳେ ମୁସଲମାନମାନଙ୍କର ନାନା ସଂପ୍ରଦାୟ ମଧ୍ୟରେ ପାରସ୍ପରିକ ମତଭେଦ ସୃଷ୍ଟି ହୋଇ ସାରିଥିଲା । ସାଧାରଣ ଜନତା ତ' ଜନତା ବରଂ ବିଦ୍ୱାନ୍‌ମାନେ ମଧ୍ୟ ସେହି ମତଭେଦ ଓ କଳହରେ ଲିପ୍ତ ଥିଲେ । ସେମାନେ ନିଜ ନିଜର ସ୍ୱକୃତ ଆସ୍ଥାକୁ କେବଳ ପରିତ୍ୟାଗ କରିବା ନିମନ୍ତେ ପ୍ରସ୍ତୁତ ନଥିଲେ ବରଂ ପ୍ରତିପକ୍ଷଙ୍କୁ ବୁଝାଇବା ପରିବର୍ତ୍ତେ ମୁସଲମାନ ବୋଲାଉଥିବା ଲୋକମାନଙ୍କ ସହିତ ମଧ୍ୟ ଖଡ଼୍‌ଗ ଯୁଦ୍ଧରେ ଲିପ୍ତ ଥିଲେ । ସେହି ଆସ୍ଥା ପୋଷଣ କରୁଥିବା ମୁସଲମାନମାନେ ଅନ୍ୟ ମୁସଲମାନମାନଙ୍କୁ ଧର୍ମଦ୍ରୋହୀ ବୋଲି ବିବେଚିତ କରି ସେମାନଙ୍କର ସ୍କନ୍ଧଚ୍ୟୁତ କରୁଥିଲେ ଏବଂ ଯେଉଁମାନେ ଆପଣ ଅ.ସଙ୍କ ଉପରେ ବର୍ତ୍ତମାନ ବିଶ୍ୱାସ ଆଣି ନଥିଲେ, ସେମାନଙ୍କର ମଧ୍ୟ ଏପର୍ଯ୍ୟନ୍ତ ଏହି ଅବସ୍ଥା ରହିଛି ।

ଯେଉଁ ସାମର୍ଥ୍ୟତାର ଚର୍ଚ୍ଚା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁରଆନର ଆଦେଶ ଏବଂ ଐଶୀବାଣୀର ପ୍ରକାଶରେ କରିଛନ୍ତି । ସେହିସବୁ ସାମର୍ଥ୍ୟତାର ଚର୍ଚ୍ଚା କରାଯିବା ପୂର୍ବରୁ ତନ୍ମଧ୍ୟରୁ କେତେକ ଭୁଲ ଧର୍ମବିଶ୍ୱାସର ଏଠାରେ ଚର୍ଚ୍ଚା କରି ଦିଆଯାଉଛି । ଅର୍ଥାତ୍ ଯେଉଁ ଭ୍ରାନ୍ତ ଧର୍ମବିଶ୍ୱାସ ଇସ୍‌ଲାମ୍ ଧର୍ମରେ ପରିବ୍ୟାପ୍ତ ଓ ପ୍ରଚଳିତ ହୋଇଯାଇଥିଲା ସେହି ସବୁ ଭ୍ରାନ୍ତ ଧର୍ମବିଶ୍ୱାସର ତ୍ରୁଟି ସଂଶୋଧନ ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ କରିଛନ୍ତି ।

(1) ମୁସଲମାନମାନଙ୍କ ମଧ୍ୟରେ ଖ୍ରୀଷ୍ଟିଆନ୍‌ମାନଙ୍କ ପ୍ରଭାବ ଫଳରେ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍ ବିରୁଦ୍ଧୀୟ ଧର୍ମବିଶ୍ୱାସ ପରିବ୍ୟାପ୍ତ ହୋଇଯାଇଥିଲା । ଅର୍ଥାତ୍ ହ. ଇସା ଅ.ସ ସଶରୀରେ ଆକାଶରେ ଜୀବିତ ଅଛନ୍ତି ଏବଂ ସେ ହିଁ ମୁସଲମାନମାନଙ୍କ ନିମନ୍ତେ ସୁଧାର ନିମନ୍ତେ ଆକାଶରୁ ସଶରୀରରେ ଅବତୀର୍ଣ୍ଣ ହେବେ। ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ପବିତ୍ର କୁରଆନ୍ କରୀମ୍‌ରୁ ଏପରି 30ଟି ପ୍ରାମାଣ୍ୟ ଶିଖାଇଲେ ଯହିଁରୁ ଦିବାଲୋକ ପରି ଏହା ସିଦ୍ଧ ହୋଇଗଲା ଯେ, ହ. ଇସା ଅ.ସଙ୍କୁ ଈଶ୍ୱର ଶୂଳିର ମୃତ୍ୟୁରୁ ରକ୍ଷା କରିଥିଲେ ଏବଂ ଆପଣ ଅ.ସ ପ୍ରବାସ କରି ବନି ଇସ୍ରାଇଲ୍‌ର ହଜି ଯାଇଥିବା ମେଣ୍ଢା (ଜାତି)ମାନଙ୍କ ସନ୍ଧାନରେ ବାହାରିଥିଲେ ଏବଂ 120 ବର୍ଷ ବୟସରେ କାଶ୍ମୀର ଠାରେ ଆପଣ ଅ.ସଙ୍କର ବିୟୋଗ ହୋଇଥିଲା । ଶ୍ରୀନଗର୍ ଜିଲ୍ଲାଃ ଅନ୍ତର୍ଗତ ମହଲ୍ଲା ଖାନିୟାର୍ ଠାରେ ଆପଣ ଅ.ସଙ୍କର କବର୍ ବିଦ୍ୟମାନ ରହିଛି । ଆଜି କେବଳ ମୁସଲମାନମାନେ ନୁହନ୍ତି ବରଂ ଅନ୍ୟ ଧର୍ମାବଲମ୍ବୀମାନେ, ବିଦ୍ୱାନ୍ ମନୀଷୀମାନେ ଓ ଗବେଷକମାନେ ମଧ୍ୟ ହ. ଇସା ଅ.ସଙ୍କ ବିୟୋଗକୁ ସିଦ୍ଧ କରୁଛନ୍ତି । ସେମାନେ ଏପରି ଗବେଷଣା ପ୍ରକାଶିତ କରି ସାରିଛନ୍ତି ଯହିଁରୁ ହ. ଇସା ଅ.ସଙ୍କ କାଶ୍ମୀର ଅଭିମୁଖେ ପ୍ରବାସ ସିଦ୍ଧ ହୋଇଥାଏ ।

ହ. ଇସା ଅ.ସଙ୍କ ମୃତ୍ୟୁରୁ ଆପଣ ଅ.ସ ଖ୍ରୀଷ୍ଟତ୍ୱ ଧର୍ମର ମିଥ୍ୟା ଧର୍ମ ବିଶ୍ୱାସକୁ ଖଣ୍ଡ ବିଖଣ୍ଡିତ କଲେ । ଖ୍ରୀଷ୍ଟମାନଙ୍କର ଯେଉଁ ଧର୍ମବିଶ୍ୱାସ ରହିଥିଲା ଯେ, ଯୀଶୁ ଖ୍ରୀଷ୍ଟ ଈଶ୍ୱର ଅଟନ୍ତି ଓ ଈଶ୍ୱରଙ୍କର ପୁତ୍ର ମଧ୍ୟ ଅଟନ୍ତି । ମୁସଲମାନମାନଙ୍କର ମଧ୍ୟ ଏହି କୁଧର୍ମବିଶ୍ୱାସକୁ ଖଣ୍ଡନ (ରଦ୍ଦ) କରିଦେଲେ ଯେ, ସେମାନେ ଅର୍ଥାତ୍ ମୁସଲମାନମାନେ କହୁଥିଲେ ଯେ, ହ. ଇସା ଅ.ସ ଆକାଶକୁ ଜୀବିତ ଚାଲି ଯାଇଛନ୍ତି ଏବଂ ସଶରୀରରେ ପୁନଃ ଧରାବତୀର୍ଣ୍ଣ ହେବେ । ଏହି ମହାନ ସତ୍ୟତାର ପରିପ୍ରକାଶ ପରେ ବର୍ତ୍ତମାନ ମୁସଲମାନମାନଙ୍କର ଏବଂ ଖ୍ରୀଷ୍ଟମାନଙ୍କର ବିଦ୍ୱାନ୍ ମନୀଷୀମାନେ ଅହମଦିୟତ୍ ଅର୍ଥାତ୍ ପ୍ରକୃତ ଇସ୍‌ଲାମ୍ ଧର୍ମ ଉପରେ ବିଶ୍ୱାସ ଆଣୁଛନ୍ତି ଏବଂ ଯେଉଁମାନଙ୍କୁ ଏହି ସୌଭାଗ୍ୟ ଅର୍ଜନ ହେଲା ନାହିଁ ସେମାନେ ମସିହ୍ ମଉଦ୍ ଅ.ସଙ୍କ ଆସ୍ଥା ତଥା ଧର୍ମବିଶ୍ୱାସକୁ ଅସ୍ୱୀକାର କରି ମସିହ୍ ମଉଦଙ୍କ ଆଗମନକୁ ଗଳ୍ପ ଏବଂ କାହାଣୀ ବୋଲି ବିବେଚିତ କରୁଛନ୍ତି । ସେମାନେ କେବଳ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍ ନୁହଁ ବରଂ ଇସ୍‌ଲାମ୍ ଧର୍ମର ସହସ୍ର ପୂର୍ବପୁରୁଷମାନଙ୍କୁ ମଧ୍ୟ ମିଛ ବୋଲି ବିବେଚିତ କରୁଛନ୍ତି। ଅର୍ଥାତ୍ ଯେଉଁ ପୂର୍ବ ପୁରୁଷମାନେ ଇମାମ୍ ମେହଦୀ ଏବଂ ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅପେକ୍ଷା କରୁଥିଲେ ଆପଣ ଅ.ସ ଐଶୀବାଣୀର ପ୍ରକାଶରେ ସେମାନଙ୍କୁ (ମୁସଲମାନମାନଙ୍କୁ) ଅବଗତ କରୁଥିଲେ ।

(2) ମୁସଲମାନମାନଙ୍କ ମଧ୍ୟରେ ଏହି ଭ୍ରାନ୍ତ ଧାରଣା ମଧ୍ୟ ପରିବ୍ୟାପ୍ତ ହୋଇଯାଇଥିଲା ଯେ, ଆଁହଜରତ୍ ସ.ଅ ଏପରି ଶେଷାବତାର ଅଟନ୍ତି ଯେ, ଆପଣ ସ.ଅଙ୍କ ପରେ ପ୍ରଳୟ ଦିବସ ପର୍ଯ୍ୟନ୍ତ କୌଣସି ଅବତାର ଆସିପାରିବ ନାହିଁ । ସେ ପଛେ ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀ ହୁଅନ୍ତୁ ଅବା ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀ ନହୁଅନ୍ତୁ । ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ପ୍ରାମାଣ୍ୟ ମଧ୍ୟରୁ ଏହା ସିଦ୍ଧ କଲେ ଯେ, ଅବତାରତ୍ୱ ଏକ ମର୍ଯ୍ୟାଦା ଅଟେ ଯାହା ଅଲ୍ଲାଃତାଲା ବର୍ତ୍ତମାନ ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀମାନଙ୍କ ସକାଶେ ବିଶେଷିତ କରିଦେଇଛନ୍ତି । ଆପଣ ଅ.ସ ପୁନଶ୍ଚ ଏହା ମଧ୍ୟ କହିଲେ ଯେ, ଯେହେତୁ ମୁଁ ଆଁହଜରତ୍ ସ.ଅଙ୍କ ଦାସ ଅଟେ ତେଣୁ ସେହି ଦାସତ୍ୱର କଲ୍ୟାଣ ଯୋଗୁଁ ହିଁ ମୋତେ ଅଲ୍ଲାଃତାଲା ଅବତାରତ୍ୱ ଏବଂ ଈଶ୍ୱରଙ୍କ ସହିତ କଥୋପକଥନର ମର୍ଯ୍ୟାଦା ଦ୍ୱାରା ପୁରସ୍କୃତ କରିଛନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମୁସଲମାନମାନଙ୍କୁ ସେମାନଙ୍କର ତ୍ରୁଟି ସହିତ ଅବଗତ କଲେ ଯେ, ସେମାନଙ୍କର ଯେଉଁ ଧର୍ମବିଶ୍ୱାସ ଥିଲା କି ଆଁହଜରତ୍ ସ.ଅ ଶେଷାବତାର ଅଟନ୍ତି, ଏବଂ ଆପଣ ସ.ଅଙ୍କ ପରେ ଅନ୍ୟ କୌଣସି ଅବତାର ଆସି ପାରିବ ନାହିଁ । ଏହି ଧର୍ମ ବିଶ୍ୱାସ ସତ୍ତ୍ୱେ ସେମାନେ ବନି ଇସ୍ରାଇଲ୍ ସଂପ୍ରଦାୟର ଅବତାର ହ. ଇସା ଅ.ସଙ୍କୁ ମୁହମ୍ମଦ୍ ସ.ଅଙ୍କ ଧର୍ମରେ ଆଁହଜରତ୍ ସ.ଅଙ୍କ ଅବତାର ରୂପେ ସ୍ୱୀକାର କରନ୍ତି ଏବଂ ଆପଣ ସ.ଅଙ୍କ ଧର୍ମରେ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ, ଅନୁକରଣତ୍ୱ ଓ ଦାସତ୍ୱରେ ଅବତାର ଅସିବାର ପ୍ରତ୍ୟାଖ୍ୟାନ କରି ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦାର କ୍ଷୁର୍ଣ୍ଣକାରୀ ବ୍ୟକ୍ତି ହେଉଛନ୍ତି ।

ଆପଣ ଅ.ସ କହିଲେ: "ମୁଁ ଯଦି ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀ ହୋଇ ନଥାଆନ୍ତି ଏବଂ ଆପଣ ସ.ଅଙ୍କୁ ଅନୁକରଣ, ଆଜ୍ଞାବହତ୍ୱ ପ୍ରଦର୍ଶନ କରି ନଥାଆନ୍ତି ତେବେ ମୋର କର୍ମ ଯଦି ପର୍ବତ ତୁଲ୍ୟ ଥାଆନ୍ତା ତେବେ ମଧ୍ୟ ମୁଁ କେବେ ବି ଏହି ମର୍ଯ୍ୟାଦା ଅର୍ଥାତ୍ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ ତଥା କଥୋକଥନର ମର୍ଯ୍ୟାଦା କେବେ ବି ପ୍ରାପ୍ତ କରିପାରି ନଥାଆନ୍ତି । ଅତଏବ୍ ବର୍ତ୍ତମାନ୍ ଆଁହଜରତ୍ ସ.ଅଙ୍କ ଅବତାରତ୍ୱ ବ୍ୟତୀତ ଅନ୍ୟ କୌଣସି ଅବତାରତ୍ୱ ନାହିଁ । ଅନ୍ୟ ସମସ୍ତ ଅବତାରତ୍ୱ ରୁଦ୍ଧ (ବନ୍ଦ) ରହିଛି । ଧର୍ମବୈଧାନିକ ଅବତାରତ୍ୱ ଆସି ପାରିବ ନାହିଁ । କିନ୍ତୁ ଧର୍ମବୈଧାନିକ ରହିତ ବ୍ୟକ୍ତି ଅବତାର ହୋଇପାରିବ । କିନ୍ତୁ ଏଥି ନିମନ୍ତେ ଅର୍ଥାତ୍ ଧର୍ମବୈଧାନିକ ଅବତାରତ୍ୱ ନିମନ୍ତେ ପ୍ରଥମେ ମୁସଲମାନ ଧର୍ମାବଲମ୍ବୀ ହେବା ଉଚିତ୍ ।"

**(ତଜଲ୍ଲିୟାତେ ଇଲାହିୟାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-411-412)**

**ଅଲ୍‌ହମଦୁଲିଲ୍ଲାଃ** ବିଗତ ଶହେ ବର୍ଷ ମଧ୍ୟରେ ଲକ୍ଷାଧିକ ଲୋକମାନେ ନିଜ ତ୍ରୁଟିମାର୍ଜନା କରି ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ବିଶ୍ୱାସ ଆଣି ସାରିଛନ୍ତି । ଏପର୍ଯ୍ୟନ୍ତକି ବଡ଼ ବଡ଼ ଆରବ୍ୟ ବିଦ୍ୱାନ୍ ପଣ୍ଡିତମାନେ ମଧ୍ୟ ଯେତେବେଳେ ନିଜର ଦୋଷ ତ୍ରୁଟି ପ୍ରତି ଅବଗତ ହେଲେ ସେତେବେଳେ ସେମାନେ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଦୁରୁଦ୍ ପାଠ କରୁଛନ୍ତି ।

(3) ମୁସଲମାନମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍ ବିରୁଦ୍ଧରେ ଏହି ଭୟଙ୍କର ଭୁଲ୍ ଆସ୍ଥା ପରିବ୍ୟାପ୍ତ ଥିଲା ଯେ, ଏବେ ମଧ୍ୟ ଖଡ଼୍‌ଗ ଜିହାଦ୍ ଜାରି ରହିଛି ଏବଂ ଆଗମନକାରୀ ଇମାମ୍ ମେହଦୀ ଖଡ଼୍‌ଗ ଚାଳନା କରି ଇସ୍‌ଲାମ୍ ଧର୍ମକୁ ସଂପ୍ରସାରିତ କରିବେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ଆଁହଜରତ୍ ସ.ଅ ଇମାମ୍ ମେହଦୀ ତଥା ପ୍ରତିଶ୍ରୁତ ମସିହ୍‌ଙ୍କ ସଂପର୍କରେ ସ୍ପଷ୍ଟ ରୂପେ କହି ଦେଇଥିଲେ ଯେ, ସେହି କାଳରେ ଅର୍ଥାତ୍ ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ କାଳରେ ଖଡ଼୍‌ଗ ଯୁଦ୍ଧର ପରିସମାପ୍ତି ହେବ । ଯେପରିକି ବୁଖାରୀର ହଦିସ୍‌ରେ ଉଲ୍ଲିଖିତ ହୋଇଛି ଯେ, ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସ ଯେତେବେଳେ ଆସିବେ ସେତେବେଳେ يضعُ الحرب ଅର୍ଥାତ୍ ମସିହ୍ ମଉଦ୍ ଯୁଦ୍ଧର ଅବସାନ ଘଟାଇଦେବେ । ସେହିପରି ଅନ୍ୟ ଏକ ହଦିସ୍‌ରେ ଉଲ୍ଲିଖିତ ହୋଇଛି ଯେ, وَلَيَضَعَنَّ الجِزْيَةَ ଅର୍ଥାତ୍ ପ୍ରତିଶ୍ରୁତ ମସିହ୍ ଯିଜ୍‌ୟା (ଇସ୍‌ଲାମୀୟ ରାଷ୍ଟ୍ରରେ ଅଣ ମୁସଲମାନ ବ୍ୟକ୍ତି ଉପରେ ଲାଗୁ ହୋଇଥିବା ମାହସୁଲ୍ ବା ଧାର୍ମିକ କର) କୁ ହଟାଇଦେବେ ।

**(ବୁଖାରୀ କିତାବୁଲ୍ ଅମ୍ବିୟା, ବାବ୍-ନୁଜୁଲି ଇସା ଇବ୍‌ନେ ମରିୟମ୍) (ମୁସ୍‌ଲିମ୍)**

ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ କହିଲେ, "ଈଶ୍ୱର ମୋତେ ସାଂପ୍ରତିକ ଯୁଗରେ ଇମାମ୍ ମେହଦୀ ଏବଂ ପ୍ରତିଶ୍ରୁତ ମସିହ୍ କରି ପ୍ରେରଣ କରିଛନ୍ତି ଏବଂ ମୋ କାଳରେ ବର୍ତ୍ତମାନ ଖଡ଼୍‌ଗ ଯୁଦ୍ଧ ସ୍ଥଗିତ ଅଟେ ।" ଆପଣ ଅ.ସ ପୁନଶ୍ଚ କହିଲେ, "ହେ ଇସ୍‌ଲାମ୍ ଧର୍ମର ବିଦ୍ୱାନ୍‌ମାନେ ଏବଂ ମୌଲବୀମାନେ !

## (ଖୁତ୍‌ବା ଜୁମା)

"କ୍ଳାନ୍ତ ସହିତ ମୋର କି ସଂପର୍କ ? ମୁଁ ତ' ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରୁଥିଲେ । ମାଗିଲାବାଲା କେବେ କ୍ଳାନ୍ତ ହୁଏ କି ? ଯେଉଁ ବ୍ୟକ୍ତି ମାଗିବାରୁ କ୍ଳାନ୍ତ ହୋଇପଡ଼େ ସେ ସେମିତି ରହି ଯାଇଥାଏ । ଆମେମାନେ ହେଉଛେ ମାଗିଲାବାଲା (ପ୍ରଶ୍ନକର୍ତ୍ତା) ଏବଂ ସେ ହେଉଛନ୍ତି ପ୍ରଦାନକାରୀ । ତେଣୁ କ୍ଳାନ୍ତ (ଆଳସ୍ୟତା) ପୁଣି କାହିଁକି ? ଯେଉଁଠି ସାମାନ୍ୟ (ଟିକିଏ ବି) ଆଶା ଥାଏ ସେଠାରେ ପ୍ରଶ୍ନକର୍ତ୍ତା (ମାଗିଲାବାଲା) ଅଡ଼ି ବସିଥାଏ ଏବଂ ଏକେଶ୍ୱରବାଦଙ୍କ ଆସ୍ଥାନରେ ହିଁ ସକଳ ଆଶା ରହିଛି । କାରଣ ସେ ପ୍ରଦାନକାରୀ ଅଟନ୍ତି, ସେ ୱହାବ୍ (ଅଧିକ ପ୍ରଦାନକାରୀ ଅଟନ୍ତି), ସେ ରହମାନ୍ (ଅଶେଷ ଦୟାବାନ୍) ଅଟନ୍ତି, ସେ ରହିମ୍ (ସଦା କରୁଣାମୟ) ଅଟନ୍ତି, ସେ ମାଲିକ୍ (ପ୍ରଭୁ) ଅଟନ୍ତି ଏବଂ ସେ ସର୍ବ ଶକ୍ତିମାନେ ଅଟନ୍ତି । " (ହଜରତ୍ ମସିହ୍ ମଉଦ୍ [ଅ.ସ])

ଆଁହଜରତ୍ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶ ଉପରେ ଆମମାନଙ୍କୁ ସର୍ବାଧିକ ରୂପେ ପରିଚାଳିତ ହେଉଥିବା ଦୃଶ୍ୟ ଆମମାନଙ୍କୁ ଆଜି ମଧ୍ୟ ସାଂପ୍ରତିକ କାଳରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ଓ ମେହ୍‌ଦୀଙ୍କ ମଧ୍ୟରେ ଦୃଶ୍ୟମାନ ହୋଇଥାଏ ।

ହ. ମସିହ୍ ମଉଦ୍ ଅ.ସଙ୍କର ଏହି ଅଭ୍ୟାସ ଥିଲା କି ରାତ୍ର ସମୟରେ ଇଶା ନମାଜ୍ ପରେ ଆପଣ ସ.ଅ ଶୀଘ୍ର ଶୋଇ ଯାଉଥିଲେ ଏବଂ ପୁନଶ୍ଚ ରାତ୍ର 1.00 ଘଟିକା ସମୟରେ ନମାଜ୍ ତହଜ୍ଜୁଦ୍ ପାଇଁ ଉଠି ଯାଉଥିଲେ । ତହଜ୍ଜୁଦ୍ ପାଠ କରି ଆପଣ ସ.ଅ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ (ଆବୃତ୍ତି) କରୁଥିଲେ । ପୁନଶ୍ଚ ଯେତେବେଳେ ସକାଳ ଅଜାନ୍ ହେଉଥିଲା ସେତେବେଳେ ଆପଣ ସ.ଅ ସୁନ୍ନତ୍ ନମାଜ୍ ଘରେ ପାଠ କରି ଫର୍ଜ୍ ନମାଜ୍ ପାଇଁ ମସ୍‌ଜିଦକୁ ଯାଉଥିଲେ ଏବଂ ବାଜମାଅତ୍ (ସାମୂହିକ) ନମାଜ୍ ପାଠ କରୁଥିଲେ ।

ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍ ଏବଂ ଆଁହଜରତ୍ ସ.ଅଙ୍କ ସୁନ୍ନତକୁ ବେଶ୍ ଭଲ ପାଉଥିଲେ ଏବଂ ଆପଣ ଅ.ସଙ୍କ ଯେଉଁ ଉପାସନା ପଦ୍ଧତି ରହିଥିଲା ତାହା ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତ୍ ଠାରୁ ସୀମାତିକ୍ରମ (ସୀମା ଲଂଘନ) କରୁ ନଥିଲା । ନମାଜ୍ ବ୍ୟତୀତ ଆପଣ ସ.ଅଙ୍କ ଜପ ପବିତ୍ର କୁରଆନ୍ କରୀମର ତିଲାୱତ୍, ଦୁରୁଦ୍ ଶରୀଫ୍ ପାଠ ଓ ଇସ୍ତିଗ୍‌ଫାର ଥିଲା । ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌କୁ ତ' ଭଲ ପାଉଥିଲେ ହେଲେ ଆପଣ ଅ.ସ ଦିନ ରାତି, ଶୋଇବା ଉଠିବା, ଚାଲିବା ଏବଂ ବୁଲିବା ସମୟରେ ପବିତ୍ର କୁରଆନ୍ କରୀମ ପାଠ କରୁଥିଲେ ଏବଂ କୋହ ଭରା କାନ୍ଦ ରୋଦନ ଆପଣ ଅ.ସ କରୁଥିଲେ ।

ଭୂମିକମ୍ପ ଆରମ୍ଭ ହେବା ମାତ୍ରେ ଆପଣ ଅ.ସ ପରିବାରବର୍ଗ ଓ ସନ୍ତାନ ସମେତ ଅଲ୍ଲାଃତାଲାଙ୍କ ସମକ୍ଷରେ ଦୁଆ କରିବା ଆରମ୍ଭ କରିଦେଲେ ଓ ନିଜର ପାଳନକର୍ତ୍ତାଙ୍କ ସମ୍ମୁଖରେ ନତମସ୍ତକ ହେଲେ । ଅନେକ ସମୟ ପର୍ଯ୍ୟନ୍ତ ରୁକୁରେ ଛିଡ଼ା ହେବା, ସମଗ୍ର ପରିବାରବର୍ଗ ଏବଂ ଖୁଦ୍ଦାମଙ୍କ ସମେତ ଅଲ୍ଲାଃତାଲା ସମ୍ମୁଖରେ (ସିଜ୍‌ଦାରେ) ପଡ଼ି ରହିଲେ ଏବଂ ଈଶ୍ୱରଙ୍କ ନିଃସ୍ପୃହତା ଠାରୁ ଭୟଭୀତ ଓ ଭୀତତ୍ରସ୍ତ ହେଲେ । (ବର୍ଣ୍ଣନାକାରୀ- ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ)

ନମାଜ୍ ବାଜମାଅତ୍‌ର ଏକ କ୍ରମିକତା ଏହା ମଧ୍ୟ ରହିଛି ଯେ, ସ୍ତ୍ରୀ ଓ ପିଲା ଛୁଆଙ୍କୁ ସାଙ୍ଗରେ ଧରି ଘରେ ହିଁ ବାଜମାଅତ୍ ନମାଜ ପାଠ କରିନେବା ଉଚିତ୍ ।

ସଂସାର ଠାରୁ ଆପଣ ଅ.ସଙ୍କ ସ୍ୱଭାବ ଶିଥିଳ ହୋଇଗଲା ଏବଂ ଯେତେବେଳେ ଆପଣ ଅ.ସ ଛୋଟ ପିଲାଟି ପରି ଥିଲେ ସେତେବେଳେ ମଧ୍ୟ ଆପଣ ସ.ଅଙ୍କ ସମସ୍ତ ଆକାଂକ୍ଷା ତଥା ଇଚ୍ଛା ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ହିଁ ଉଦ୍ଦିଷ୍ଟ ଥିଲା । (ହ. ମୁସ୍‌ଲେହ୍ ମଉଦ୍ [ର.ଅ])

ଯେଉଁ ଦିନମାନଙ୍କରେ ଲୋକମାନଙ୍କର ଯାତାୟତ ଏବଂ ଗହଳି କମ୍ ଥିଲା, ଆପଣ ଅ.ସଙ୍କର ଏହି ମନସ୍କାମନା ରହିଥିଲା ଏବଂ ଆପଣ ଅ.ସ ଏହା କହୁଥିଲ ଯେ, "ଏପରି ହୁଅନ୍ତା କି ! ମୋର ନିଜ ସଂପ୍ରଦାୟ ଥାଆନ୍ତା, ସେହି ସଂପ୍ରଦାୟ ସହିତ ମିଶି ମୁଁ ପାଞ୍ଚବେଳା ନମାଜ୍ ପାଠ କରି ଥାଆନ୍ତି ।" ଆପଣ ଅ.ସ କୁହନ୍ତି: "ମୁଁ ଦୁଆରେ ବ୍ୟସ୍ତ ଅଟେ ଏବଂ ଆଶା କରୁଛି ଯେ, ଅଲ୍ଲାଃତାଲା ମୋର ଦୁଆକୁ ସ୍ୱୀକାର କରିବେ........ଆଜି ଈଶ୍ୱରଙ୍କ ଏହି କୃପା ରହିଛି ଯେ, ନମାଜ୍ ପାଠ-କାରୀମାନଙ୍କର ସଂଖ୍ୟା 80,90 ହୋଇଯାଇଛି । (ବର୍ଣ୍ଣନାକାରୀ- ହ. ମୌଲାନା ଅବ୍‌ଦୁଲ୍ କରୀମ୍ ସାହେବ) ବର୍ତ୍ତମାନ ତ' ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ଦେଶରେ ଆମମାନଙ୍କର ମସ୍‌ଜିଦ୍ ମଧ୍ୟ ରହିଛି । ତେଣୁ ଆମମାନଙ୍କୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ନିଜର ମସ୍‌ଜିଦ୍ ଗୁଡ଼ିକୁ ପାଞ୍ଚବେଳା ପରିପୂର୍ଣ୍ଣ କରନ୍ତୁ ଓ ଏହି ଉଦ୍ୟମ କରନ୍ତୁ ଯେ, ଆପଣମାନେ ପ୍ରତ୍ୟେକ ନମାଜ୍ ବାଜମାଅତ୍ ପାଠ କରନ୍ତୁ ।"

ହ. ଅବ୍‌ଦୁସ୍ ସତ୍ତାର୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ସାହେବ ଯେଭଳି ନମାଜ୍ ପାଠ କରୁଥିଲେ ସେହି ଶୈଳୀ ମୋତେ ଜଣା । ଅର୍ଥାତ୍ ପ୍ରତ୍ୟେକ ନମାଜକୁ ଆପଣ ରୋଦନ, ବିନୀତତା, ବିନମ୍ରତା ଓ ବିଳାପର ସହିତ ପାଠ କରୁଥିଲେ । ଅର୍ଥାତ୍ ଯେପରି ଜଣେ ସନ୍ତାନ ନିଜ ମାତା ପିତାଙ୍କ ସମ୍ମୁଖରେ କାନ୍ଦି କାନ୍ଦି କୌଣସି ଜିନିଷ ମାଗିଥାଏ ଠିକ୍ ସେହିଭଳି ନମାଜ୍ ଆମ ମୁକତଦି (ଇମାମଙ୍କ ପଛରେ ନମାଜ ପାଠ କରୁଥିବା ଅନ୍ୟ ନମାଜ ପାଠକାରୀମାନେ)ମାନଙ୍କ ହୃଦୟ ଉପରେ ଗଭୀର ପ୍ରଭାବ ପଡୁଥିଲା ।

ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱର ଉପାସନାର ହୃଦୟାସୀନ ଏବଂ ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।
ଡେରିୟାଁର ଶ୍ରୀଯୁକ୍ତ ମହମୁଦ୍ ବଟ୍ ସାହେବଙ୍କ ପତ୍ନି ଶ୍ରୀମତି ଅମତୁସ୍ ଶରୀଫ୍ ସାହେବା ଏବଂ ଲାହୋର ଜିଲ୍ଲା ଅନ୍ତର୍ଗତ ନାରୋୱାଲର ଶ୍ରୀଯୁକ୍ତ ଶେଖ୍ ବଶୀର ଅହମଦ ବିୟୋଗ ଓ ଉତ୍ତମ ଚର୍ଚ୍ଚା ।

13 Februaury 2026 ମସିହା ଅନୁଯାୟୀ ୧୩ ତବଲିଗ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।
ଖୁତ୍‌ବାରଉକ୍ତମଧ୍ୟବର୍ତ୍ତୀଟୀକାବଦର୍‌ରସମ୍ପାଦକୀୟମଣ୍ଡଳୀଓଅଲ୍‌ଫଜଲ୍‌ଲଣ୍ଡନ୍‌ରସମ୍ପାଦକୀୟମଣ୍ଡଳୀଙ୍କପକ୍ଷରୁକୃତଜ୍ଞତାରସହିତପ୍ରକାଶିତକରାଯାଉଛିରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ ـ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ ـ اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ ـ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶ ଉପରେ ଆମମାନଙ୍କୁ ସର୍ବାଧିକ ରୂପେ ପରିଚାଳିତ ହେଉଥିବା ଦୃଶ୍ୟ ଆମମାନଙ୍କୁ ଆଜି ମଧ୍ୟ ସାଂପ୍ରତିକ କାଳରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ଓ ମେହଦୀଙ୍କ ମାଧ୍ୟମରେ ଦୃଶ୍ୟମାନ ହୋଇଥାଏ । ଆଁହଜରତ୍ ସ.ଅଙ୍କ ଉପାସନା ଏବଂ ସେଥି ସଂକ୍ରାନ୍ତରେ ଆପଣ ସ.ଅଙ୍କ ନିଜର ଅନୁଗାମୀମାନଙ୍କୁ ଉପଦେଶେ, ଉପାସନା ବିଧି ଏବଂ ଈଶ୍ୱର ଚର୍ଚ୍ଚାର ପନ୍ଥା ଶିଖାଇବାର ଘଟଣାବଳୀ ବିଗତ ଖୁତ୍‌ବାରେ ଆଲୋଚନା କରାଯାଇଛି । ଆଜି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସେହି ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କରିବି ଯେଉଁ ଘଟଣାବଳୀ ଆପଣ ଅ.ସ ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱରେ ଆପଣ ଅ.ସ ବର୍ଣ୍ଣନା କରିଛନ୍ତି ଓ ତାହା ଆମମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମିର୍ଜା ମୁହମ୍ମଦ ଦୀନ୍ ସାହେବ, ସାକିନ୍-ଲଙ୍ଗର୍‌ୱାଲ୍, ଗୁରଦାସପୁର, ତାଙ୍କୁ ପତ୍ର ଲେଖି ଜଣାଇଲେ ଯେ, ମୁଁ ପିଲାଟି ଦିନରୁ ହ. ମସିହ୍ ମଉଦ୍ ଅ.ସଙ୍କୁ ଦେଖି ଆସିଛି । ମୁଁ ଯେତେବେଳେ ଛୋଟ ପିଲା ଥିଲି ସେତେବେଳେ ମୁଁ ସର୍ବ ପ୍ରଥମେ ମୁଁ ଆପଣ ଅ.ସଙ୍କୁ ମିର୍ଜା ଗୁଲାମ୍ ମୁର୍ତଜା ସାହେବଙ୍କ ଜୀବନରେ ହିଁ ଦେଖିଥିଲି । ହ. ମସିହ୍ ମଉଦ୍ ଅ.ସଙ୍କର ଏହି ଅଭ୍ୟାସ ରହିଥିଲା କି ରାତ୍ର ସମୟରେ ଇଶା ନମାଜ୍ ପରେ ଆପଣ ସ.ଅ ଶୀଘ୍ର ଶୋଇ ଯାଉଥିଲେ ଏବଂ ପୁନଶ୍ଚ ରାତ୍ର 1.00 ଘଟିକା ସମୟରେ ନମାଜ୍ ତହଜ୍ଜୁଦ୍ ପାଇଁ ଉଠି ଯାଉଥିଲେ । ତହଜ୍ଜୁଦ୍ ପାଠ କରି ଆପଣ ସ.ଅ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ (ଆବୃତ୍ତି) କରୁଥିଲେ । ପୁନଶ୍ଚ

ଯେତେବେଳେ ସକାଳ ଅଜାନ୍ ହେଉଥିଲା ସେତେବେଳେ ଆପଣ ସ.ଅ ସୁନ୍ନତ୍ ନମାଜ ଘରେ ପାଠ କରି ଫର୍ଜ ନମାଜ୍ ପାଇଁ ମସ୍‌ଜିଦକୁ ଯାଉଥିଲେ ଏବଂ ବାଜମାଅତ୍ (ସାମୂହିକ) ନମାଜ୍ ପାଠ କରୁଥିଲେ । **(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ୍-3, ପୃ-513-514)**

ହୁଜୁର୍ ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ଉପାସନା ସଂପର୍କରେ କୁହନ୍ତି: "ଅଲ୍ଲାଃତାଲା କିପରି ଆପଣ ଅ.ସଙ୍କୁ ଉପାସନା କରିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି । କିନ୍ତୁ ଏହି ଶକ୍ତି ଓ ସାମର୍ଥ୍ୟ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଉଦ୍ଦିଷ୍ଟ ନୁହେଁ ଯେ, ସେ କିପରି ଉପାସନା କରିବ ଓ ନିଜର ସାମର୍ଥ୍ୟତା ଠାରୁ ଅଧିକ ଉପାସନା କରିବ । କାରଣ ଆପଣ ସ.ଅ କହିଲେ, ମୋତେ ତ' ଅଲ୍ଲାଃତାଲା ଏକ ବିଶେଷ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି ।" ସେ ଯାହା ହେଉ ଆପଣ ଅ.ସ ନିଜ ଅବସ୍ଥାର ଯେଉଁ ନକ୍ସା ଅଙ୍କନ କରିଛନ୍ତି ତାହା ଏହିପରି ଯେ, ଆପଣ ଅ.ସ ବର୍ଣ୍ଣନା କରନ୍ତି ଯେ, "ମୁଁ କେବେ ବି କଠିନ ପରିଶ୍ରମ କରି ନାହିଁ ଏବଂ ନା ହିଁ ମୁଁ ସାଂପ୍ରତିକ କାଳର କେତେକ ସାଧୁ ସନ୍ଥମାନଙ୍କ ପରି କଠିନ ତପସ୍ୟା, ଧ୍ୟାନରେ ନିଜକୁ ପକାଇଛି (ଧ୍ୟାନନଗ୍ରସ୍ତ) । ସେହିପରି ମୁଁ ନିୟମିତ କୋଣରେ ବସି କୌଣସି ଚିଲ୍ଲାକଶି କରି ନାହିଁ ଓ ନା ହିଁ ଆଁହଜରତ୍ ସ.ଅଙ୍କ ସୁନ୍ନତ୍ ବିରୁଦ୍ଧୀୟ କୌଣସି ସନ୍ନ୍ୟାସମୂଳକ କୃତ୍ୟ କରିଛି ଯଦ୍ଦ୍ୱାରାକି ଈଶ୍ୱରଙ୍କ ବାଣୀ ଉପରେ ଆପତ୍ତି ହୋଇଥିବ । ବରଂ ମୁଁ ସର୍ବଦା ଏପରି ଫକୀରମାନଙ୍କ ଠାରୁ ଏବଂ ଦୁଷ୍ପ୍ରକୃତି ସ୍ୱଭାବର ଲୋକମାନଙ୍କ ଠାରୁ ଅନାସକ୍ତ ରହିଲି ଯେଉଁମାନେ ନାନା ପ୍ରକାରର ବିଦ୍‌ଆତ୍ (ନୂତନ ଆହୃତ ରୀତି)ରେ ଲିପ୍ତ ଅଛନ୍ତି। ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, "ହଁ ପିତାଶ୍ରୀଙ୍କ କାଳରେ ହିଁ ଯେତେବେଳେ ତାଙ୍କ ମୃତ୍ୟୁର ସମୟ ଖୁବ୍ ନିକଟବର୍ତ୍ତୀ ଥିଲା ଏକଦା ଦୈବାତ୍ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ମୁଖମଣ୍ଡଳ ମୁଁ ସ୍ୱପ୍ନରେ ଦର୍ଶନ କଲି ଏବଂ ସେହି ବ୍ୟକ୍ତି ଜଣକ ଏହି ଚର୍ଚ୍ଚା କଲେ ଯେ, "ମହୋଦୟ ! କେତେକ ରୋଜା ଆକାଶୀୟ ଆଲୋକ ଆଡ଼କୁ ମାର୍ଗଦର୍ଶନ କରିବା ତଥା ସ୍ୱାଗତ ଜଣାଇବା ଅବତାରମାନଙ୍କ ବଂଶ ପରମ୍ପରା ଅଟେ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆକାଶୀୟ ଅଲୋକକୁ ସ୍ୱାଗତ ଜଣାଇବା ନିମନ୍ତେ ରୋଜା ରଖିବା ମଧ୍ୟ ଅବତାରମାନଙ୍କ ବଂଶ ପରମ୍ପରା ଅଟେ । ଅଲ୍ଲାଃତାଲା ଇଙ୍ଗିତମୂଳକ ସ୍ୱପ୍ନରେ ଆପଣ ଅ.ସଙ୍କୁ କହିଦେଲେ ଯେ, ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କରିବେ । ସେ ଯାହା ହେଉ ଆପଣ ଅ.ସ କୁହନ୍ତି: "ଉକ୍ତ କଥାଟି ସେହି ଆଡ଼କୁ ଇଙ୍ଗିତ କଲା ଯେ, ମୁଁ ଆଁହଜରତ୍ ସ.ଅଙ୍କ ପରିବାରର ସେହି ଆବତାରତ୍ୱମୂଳକ ପରାମ୍ପରାକୁ ସମ୍ପାଦନ କରିବି । ତେଣୁ ମୁଁ କିଛି କାଳ ପର୍ଯ୍ୟନ୍ତ ନିୟମିତ ରୂପେ ନମାଜ୍ ଏବଂ ରୋଜା ରଖିବା ମଧ୍ୟ ଉଚିତ୍ ବୋଲି ମନେକଲି । କିନ୍ତୁ ତତ୍‌ସହିତ ଏହି ଧାରଣା ମଧ୍ୟ ଆସିଲା କି ଉକ୍ତ ପ୍ରସଙ୍ଗକୁ ଗୁପ୍ତ ରୂପେ ସମ୍ପାଦନ କରିବା ଅଧିକ ଶ୍ରେୟସ୍କର ଓ ଉତ୍ତମ ହେବ । ତେଣୁ ମୁଁ ଏହି ପନ୍ଥା ଅବଲମ୍ବନ କଲି ଯେ, ଘରୁ ପୁରୁଷ ବସୁଥିବା ସ୍ଥାନକୁ ମୁଁ ନିଜର ଆହାର ବରାଦ୍ କରି ନେଉଥିଲି ଏବଂ ପୁନଶ୍ଚ ସେହି ଖାଦ୍ୟ ଗୁପ୍ତ ରୂପେ ମୁଁ କେତେକ ଅନାଥ ପିଲାମାନଙ୍କୁ ଯେଉଁମାନଙ୍କୁ ମୁଁ ପୂର୍ବରୁ ପ୍ରସ୍ତାବିତ ଏବଂ ଚିହ୍ନଟ କରି ତାଗିଦ୍ କରିଥିଲି ଯେ, ସେମାନେ ଯଥା ସମୟରେ ଅମକ ସ୍ଥାନରେ ଆସିବେ ଏବଂ ଆହାର ନେଇଯିବେ। ତେଣୁ ମୁଁ ସେହି ସ୍ଥାନରେ ସେମାନଙ୍କୁ ଆହାର ଦେଇ ଦେଉଥିଲି । ଏହିପରି ଭାବରେ ମୁଁ ଦିନ ତମାମ୍ ରୋଜା ରଖୁଥିଲି ଏବଂ ସମୟ କରୁଥିଲି । କିନ୍ତୁ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ଲୋକମାନଙ୍କୁ ମୋର ସେହି ରୋଜା ସଂପର୍କରେ କୋଣସି ଖବର ନଥିଲା । ପୁନଶ୍ଚ ଦୁଇ ତିନି ସପ୍ତାହ ପରେ ମୋତେ ଏହା ଜ୍ଞାତ ହେଲା ଯେ, ଏପରି ରୋଜା ରଖିବା ଦ୍ୱାରା ଅର୍ଥାତ୍ ଓଳିଓ ପେଟ ପୂରି ରୁଟି ଆହାର ଖାଇ ନେବା ଦ୍ୱାରା ମୋତେ କିଛି କଷ୍ଟ ଅନୁଭୂତ ହେଉ ନଥିଲା । ତେଣୁ ମୁଁ ଏହି ନିଷ୍ପତ୍ତି ନେଲି ଯେ, ଏପରି ପେଟ ପୂରି ରୁଟି ଖାଇବା ଅପେକ୍ଷା ମୋ ପକ୍ଷେ ଏହା ଉଚିତ୍ ହେବ ଯେ, ମୁଁ ଖାଇବା (ଆହାର) କମ୍ କରିଦେବି । ତେଣୁ ମୁଁ ସେହି ଦିନ ଠାରୁ ଆହାରକୁ ହ୍ରାସ କରି ଚାଲିଲି । ଏପର୍ଯ୍ୟନ୍ତକି ମୁଁ ଦିନ ରାତି କେବଳ ଗୋଟିଏ (ପଟେ) ରୁଟି ଖାଉଥିଲି। ଅତଏବ୍ ଏହିପରି ଭାବରେ ମୁଁ ନିଜର ଆହାରକୁ ହ୍ରାସ କରି ଚାଲିଲି। ଏପର୍ଯ୍ୟନ୍ତକି କେବଳ କିଛି ଖଣ୍ଡ ବା ଗୁଳା ରୁଟି ମଧ୍ୟରୁ ଅଷ୍ଟ ପ୍ରହର ପରେ ମୋର ଆହାର ଥିଲା। 24 ଘଣ୍ଟାରେ ମୋର କେବଳ ସ୍ୱଳ୍ପ ରୁଟି ହିଁ ଆହାର ଥିଲା । ପ୍ରାୟତଃ ମୁଁ ୪ କିମ୍ବା ୨ ମାସ ପର୍ଯ୍ୟନ୍ତ ଏହିପରି ହିଁ କଲି ଏବଂ ଏତେ ସ୍ୱଳ୍ପାହାର ସତ୍ତ୍ୱେ ଯେ, ଦୁଇ ତିନି ମାସର ଛୁଆ ମଧ୍ୟ ଧୈର୍ଯ୍ୟ ଧରି ରହି ପାରିବ ନାହିଁ । କିନ୍ତୁ ଈଶ୍ୱର ମୋତେ ପ୍ରତ୍ୟେକ ପ୍ରକାରର ବିପତ୍ତିରୁ ସୁରକ୍ଷିତ ରଖିଲେ । ଅତଏବ୍ ଏହି ପ୍ରକାରର ରୋଜାର ଚମତ୍କାର ମଧ୍ୟରୁ ଯେଉଁ ଚମତ୍କାର ମୁଁ ଅନୁଭବ କଲି ତାହା ଅତ୍ୟନ୍ତ ମୃଦୁଳ ମୁକାଶିଫାତ୍ (ଆତ୍ମ ଶକ୍ତି ଦ୍ୱାରା ସେହି ସବୁ ଦୃଶ୍ ଦେଖିନେବା ଯାହା ଅନ୍ୟମାନେ ଦେଖି ପାରନ୍ତି ନାହିଁ) ରହିଛି ତାହା ସାଂପ୍ରତିକ କାଳରେ ମୋ ଉପରେ ଉନ୍ମୁକ୍ତ ହେଲା । ସୁତାରଂ କେତେକ ବିଗତ ଅବତାରମାନଙ୍କ ସହିତ ମୋର ସାକ୍ଷାତ୍ ହେଲା । ଯେଉଁମାନେ ସର୍ବୋଚ୍ଚ ସ୍ତରୀୟ ସନ୍ଥମାନେ ଏହି ଧର୍ମରେ ଅତିକ୍ରାନ୍ତ ହୋଇଛନ୍ତି ସେମାନଙ୍କ ସହିତ ମୋର ସାକ୍ଷାତ୍ ହେଲା । ଏକଦା ଠିକ୍ ଜାଗ୍ରତାବସ୍ଥାରେ ରସୁଲୁଲଲ୍ଲାଃ ସ.ଅଙ୍କୁ ହ. ହସନ୍, ହ. ହୁସୈନ୍, ହ. ଅଲୀ ର.ଅ ଓ ହ. ଫାତିମା ର.ଅ ଦେଖିଲେ । ଏହା ସ୍ୱପ୍ନ ନଥିଲା ବରଂ ଜାଗ୍ରତାବସ୍ଥାର ଏକ ପ୍ରକାର ଥିଲା । ଅତଃ ଏହିପରି ଭାବରେ ଅନେକ ସାଧୁ ଏବଂ ପବିତ୍ର ବ୍ୟକ୍ତିମାନଙ୍କୁ ମୁଁ ଭେଟିଛି । ଏମାନଙ୍କର ଚର୍ଚ୍ଚା କଲେ ପ୍ରସଙ୍ଗଟି ଦୀର୍ଘ ହୋଇଯିବ। ଏତଦ୍‌ଭିନ୍ନ ସେହି ଆଧ୍ୟାତ୍ମିକ ସାଦୃଶ୍ୟମୂଳକ ସ୍ତମ୍ଭ ଉପରେ ସବୁଜ ଏବଂ ନାଲି ରଙ୍ଗ ଏପରି ମନୋରମ ରୂପ ଦୃଶ୍ୟମାନ ହେଉଥିଲା ଯାହାକୁ ଅବର୍ଣ୍ଣନୀୟ ଏବଂ ଲେଖନୀ ସାମର୍ଥ୍ୟ ବହିର୍ଭୂତ ଅଟେ । ସେହି ଆଲୋକ ସ୍ତମ୍ଭ ଯାହାକି ସିଧା ସଳଖ ଆକାଶ ପର୍ଯ୍ୟନ୍ତ ଚାଲି ଯାଇଥିଲା। ଅର୍ଥାତ୍ ଭୂମି ଠାରୁ ଉର୍ଦ୍ଧ୍ୱାଭିମୁଖୀ ହେଉଥିଲା, ଯହିଁରେ କେତେକ ଜାଜ୍ୱଲ୍ୟମାନ ଧବଳ (ଧଳା) ଏବଂ କେତେକ ସବୁଜ ଓ ଆଉ କେତେକ ଲାଲ୍ ରଙ୍ଗ ଥିଲା । ସେହି ବର୍ଣ୍ଣ (ରଙ୍ଗ)କୁ ହୃଦୟ ସହିତ ଏପରି ସଂପର୍କ ଥିଲା ଯେ, ସେଗୁଡ଼ିକକୁ ଦେଖି ହୃଦୟକୁ ଶାନ୍ତି ଓ ସନ୍ତୁଷ୍ଟି ମିଳୁଥିଲା ଏବଂ ସଂସାରରେ ଏପରି କୌଣସି ଆନନ୍ଦ ନାହିଁ ଯେ ସେମାନଙ୍କୁ ଦେଖି ଏବଂ ଆତ୍ମା ତୃପ୍ତ ଓ ସନ୍ତୁଷ୍ଟି ଲାଭ ପାଇଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋ ଧାରଣାରେ ସେହି ସ୍ତମ୍ଭ ଈଶ୍ୱର ଏବଂ ଭକ୍ତମାନଙ୍କର ପ୍ରେମର ସମ୍ମିଶ୍ରଣ ଦ୍ୱାରା ଏକ ସ୍ତମ୍ଭାକୃତି ସୃଷ୍ଟି  କଲା । ଅର୍ଥାତ୍ ସେହି ସ୍ତମ୍ଭ ଏପରି ନିର୍ମିତ ହେଲା ଯେ ତାହା ନିମ୍ନ ଭାଗରୁ ଉର୍ଦ୍ଧ୍ୱ ଭାଗ ଓ ଉର୍ଦ୍ଧ୍ୱ ଭାଗରୁ ନିମ୍ନାଭିମୁଖୀ ଆସିବାର ଥିଲା ଏବଂ ପରସ୍ପର ମଧ୍ୟରେ ସମ୍ମିଳିତ ହୋଇଯାଉଥିଲା ଏବଂ ତାହା ଏକ ସ୍ତମ୍ଭ ଆକୃତିର ରୂପ ନେଉଥିଲା। ଏସବୁ ଆଧ୍ୟାତ୍ମିକ ପ୍ରସଙ୍ଗ ଅଟେ । ଏଗୁଡ଼ିକୁ ସଂସାର ଚିହ୍ନି ପାରିବ ନାହିଁ କାରଣ ତାହା ସଂସାରର ଚକ୍ଷୁ ଠାରୁ ଅନତି ଦୂରରେ ଅବସ୍ଥିତ ଅଟନ୍ତି । କିନ୍ତୁ ସଂସାରରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନଙ୍କୁ କୌଣସି ପ୍ରସଙ୍ଗ ସଂପର୍କରେ ପୂର୍ବ ସୂଚନା ମିଳିଥାଏ।"

ହୁଜୁର୍ ଅନ୍‌ୱର୍ ଅ.ବ କୁହନ୍ତି: "ଅତଏବ୍ ସେହି ଅବଧି ପର୍ଯ୍ୟନ୍ତ ରୋଜା ରଖିବା ଦ୍ୱାରା ମୁଁ ଯେଉଁ ଅଦ୍ଭୁତ ଚମତ୍କାର ଦେଖିଲି ତାହା ନାନା ପ୍ରକାରର ମୁକାଶିଫାତ୍ ଥିଲା। ଆଉ ଏକ ଲାଭ ମୋତେ ଏହା ପ୍ରାପ୍ତ ହେଲା ଯେ, ମୁଁ ସେହି ପରିଶ୍ରମ ପରେ ନିଜର ଆତ୍ମାକୁ ଏପରି ପାଇଲି ଯେପରିକି ମୁଁ ଆବଶ୍ୟକ ସ୍ଥଳେ ବୁଭୁକ୍ଷୁତା (ଭୋକିଲା) ଅର୍ଥାତ୍ ଭୋକ ଉପରେ ଅଧିକ ଧୈର୍ଯ୍ୟ ପ୍ରଦର୍ଶନ କରିପାରିବି । ମୁଁ ଅନେକ ଥର ଏହା ଭାବିଲି ଯେ, ଯଦି ଜଣେ ମେଦବହୁଳ (ମୋଟା) ବ୍ୟକ୍ତିକୁ ମୋଟାପଣ ସତ୍ତ୍ୱେ ଏବଂ ପହିଲମାନ୍ ହେବା ସତ୍ତ୍ୱେ ମୋ ସହିତ ଭୋକିଲା ରହିବା ପାଇଁ (ସେହି ମୋଟା ବ୍ୟକ୍ତିକୁ ବାଧ କରାଯାଏ ତେବେ ମୁଁ ଆହାର ଖାଇବା ନିମନ୍ତେ ବ୍ୟଗ୍ର ହେବା ପୂର୍ବରୁ ସେହି ମୋଟା ବ୍ୟକ୍ତି ମୃତ୍ୟୁବରଣ କରିବ । ତହିଁରୁ ମୋତେ ଏହି ପ୍ରମାଣ ମିଳିଲା ଯେ, ମନୁଷ୍ୟ ଭୋକିଲା ରହିବା ପାଇଁ କେଉଁ ସୀମା ପର୍ଯ୍ୟନ୍ତ ଉନ୍ନତି କରିପାରିବ? ଯେପର୍ଯ୍ୟ କୌଣସି ବ୍ୟକ୍ତିର ଶରୀର ଏହି ପ୍ରକାରର କଷ୍ଟ ସହ୍ୟ କରିବା ନିମନ୍ତେ ସକ୍ଷମ (ପ୍ରସ୍ତୁତ) ହୋଇଯାଇ ନାହିଁ, ସେପର୍ଯ୍ୟନ୍ତ ମୋର ଏହି ଧାରଣା ରହିଛି ସେହି ବ୍ୟକ୍ତି ପୁରସ୍କାର ପ୍ରିୟ ହୋଇଥାଉ ନା କାହିଁକି, ଆଧ୍ୟାତ୍ମିକ ମର୍ଯ୍ୟାଦାର ଅଧିକାରୀ କଦାପି ହୋଇପାରିବ ନାହିଁ। କିନ୍ତୁ ମୁଁ ପ୍ରତ୍ୟେକ ବ୍ୟକ୍ତିକୁ ଏହି ଉପଦେଶ ଦେଉ ନାହିଁ, ମୁଁ ପ୍ରତ୍ୟେକ ବ୍ୟକ୍ତିକୁ ଏହା କହୁ ନାହିଁ ଯେ, ସେମାନେ ଏପରି କରନ୍ତୁ । ମୁଁ ସ୍ୱଇଚ୍ଛାରେ ଏପରି କରି ନାହିଁ। ବରଂ ଏହା ତ' ଅଲ୍ଲାଃତାଲାଙ୍କ ଆଦେଶ ଥିଲା । ମୁଁ ଅନେକ ଥର ଏପରି ମୂର୍ଖ ସାଧୁମାନଙ୍କୁ ମଧ୍ୟ ଦେଖିଛି ଯେ, ସେମାନେ ଘୋର ତପସ୍ୟା କଲେ ଏବଂ ପରିଶେଷରେ ଶୁଷ୍କ ମସ୍ତିଷ୍କ ଯୋଗୁଁ ସେମାନେ ପାଗଳ ହୋଇଗଲେ । ସେମାନଙ୍କ ମସ୍ତିଷ୍କ ଶୁଷ୍କ ହୋଇଗଲା, ମସ୍ତିଷ୍କ କାମ କରିବା ବନ୍ଦ କରିଦେଲା ଏବଂ ସେମାନେ ଅବଶିଷ୍ଟ ଜୀବନ ପାଗଳ ହୋଇ ଅତିବାହିତ କଲେ କିମ୍ବା ଅନ୍ୟ ରୋଗ ଯଥା ଯକ୍ଷ୍ମାରୋଗ (ଅଲସର୍) ଇତ୍ୟାଦି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଗଲେ । ସବୁ ମନୁଷ୍ୟଙ୍କ ମସ୍ତିଷ୍କର ଶକ୍ତି ଏକ ପ୍ରକାରର ନଥାଏ। ଅତଏବ୍ ଏପରି ବ୍ୟକ୍ତିମାନେ ଯେଉଁମାନଙ୍କର ସ୍ୱଭାବ ଦୁର୍ବଳ ସେମାନଙ୍କୁ କୌଣସି ପ୍ରକାରର ଶାରୀରୀକ ଉଦ୍ୟମ ସୁହାଇ ନଥାଏ ଏବଂ ସେମାନେ ଶୀଘ୍ର କୌଣସି ରୋଗରେ ଆକ୍ରାନ୍ତ ହୋଇଯାଆନ୍ତି । ସେ ଯାହା ହେଉ ଇସ୍‌ଲାମ୍ ଧର୍ମ ଏକ ସମନ୍ୱିତ ଧର୍ମ ଅଟେ । ପୁନଶ୍ଚ ଅଲ୍ଲାଃତାଲାଙ୍କ ବିଶେଷ ସମର୍ଥନ ମଧ୍ୟ ଏହି ଧର୍ମରେ ପ୍ରବିଷ୍ଟ (ଧର୍ମ ସହିତ) ରହିଛି ।" ତେଣୁ ଆପଣ ଅ.ସ କହିଲେ, ଯାହା ମୁଁ କରିଛି ପ୍ରତ୍ୟେକ ବ୍ୟକ୍ତି ଏଥି ନିମନ୍ତେ (ଏପରି ରୋଜା ରଖିବା) ନିମନ୍ତେ ପ୍ରୟାସ ନକରୁ ଯେ, ସେ ଏପରି କରିପାରିବ ।" ଆପଣ ଅ.ସ କହିଲେ: "ଏହା ଅଧିକ ଶ୍ରେୟସ୍କର ଓ ଉତ୍ତମ ଯେ, ମନୁଷ୍ୟ ନିଜର ଆତ୍ମାର ପ୍ରସ୍ତାବ(ପରାମର୍ଶ), ପ୍ରରୋଚନା ଦ୍ୱାରା ନିଜକୁ କଠିନ

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ପରିଶ୍ରମରେ ନପକାଉ ଓ ଅଦ୍ଭୁତ ପ୍ରକାରର ପନ୍ଥା ଆପଣାଇ ବସୁ । ଧର୍ମର ଯେଉଁ ସାଧାରଣ ସୁବିଧା ରହିଛି, ଯେଉଁ ସାଧାରଣ ଧର୍ମ ରହିଛି ତାହା ହେଲା ଆଁହଜରତ୍ ସ.ଅଙ୍କ ସୁନ୍ନତ୍ (ପ୍ରଥା ଓ ପରମ୍ପରା) । ତେଣୁ ଆଁହଜରତ୍ ସ.ଅ.ଙ୍କ ସୁନ୍ନତ୍ ଉପରେ କାର୍ଯ୍ୟାନୁସରଣ କରିବା ପ୍ରତ୍ୟେକ ବ୍ୟକ୍ତିର ପରମ କର୍ତ୍ତବ୍ୟ ଅଟେ । ତେଣୁ ତୁମେମାନେ ଏହି ପନ୍ଥା ଅବଲମ୍ବନ କର । ହଁ ଈଶ୍ୱରଙ୍କ ତରଫରୁ ଯଦି କୌଣସି ଐଶୀବାଣୀ ହୁଏ ଏବଂ ପନ୍ଥା ଯଦି ଇସଲାମ୍ ଧର୍ମ ବିରୁଦ୍ଧୀୟ ନହୁଏ ତେବେ ତାହାକୁ ସମ୍ପାଦନ କରିବା ଜରୁରୀ ଅଟେ । କିନ୍ତୁ ଆଜିକାଲିକା ଅନେକ ଅବୋଧ ଫକୀରମାନେ ଯେଉଁମାନେ ତପସ୍ୟା ଏବଂ ପରିଶ୍ରମ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରନ୍ତି ସେମାନଙ୍କର ପରିଣାମ ଭଲ ହୋଇ ନଥାଏ । ଅତଏବ୍ ସେମାନଙ୍କ ଠାରୁ ଦୂରେଇ ରହିବା ଉଚିତ୍ ।" **(କିବାତୁଲ୍ ବରିୟାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-13, ପୃ-196-200, ଅବଶିଷ୍ଟ ବି.ଦ୍ର)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ତ' କେତେକ ଲୋକମାନେ ଏହା କୁହନ୍ତି ଯେ, ଏହା କର ତାହା କର (ଏପରି କର ସେପରି କର) । ତେବେ ଏପରି ଲୋକମାନଙ୍କର କଥା ମାନିବା ଉଚିତ୍ ନୁହଁ । ବରଂ ଆଜିକାଲି ତ' ଟି.ଭିର କାର୍ଯ୍ୟକ୍ରମରେ ମଧ୍ୟ ଆସିଥାଏ । ଲୋକମାନଙ୍କୁ ଏହା ଦେଖିବା ଉଚିତ୍ ଯେ, ମଧ୍ୟବର୍ତ୍ତୀ ମାର୍ଗ କେଉଁଟି? ତେଣୁ ତାହାକୁ ହିଁ ଅବଲମ୍ବନ କରିବା ଉଚିତ୍ । ଯେପର୍ଯ୍ୟନ୍ତ ନିଜ ମଧ୍ୟରେ ସାମର୍ଥ୍ୟତା ରହିଛି ସେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଅଧିକାର ଏବଂ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ନିମନ୍ତେ ଉଦ୍ୟମ କରୁ । ଉପାସନା କରିବା ନିମନ୍ତେ ଆଁହଜରତ୍ ସ.ଅ ଯେଉଁ ପନ୍ଥା ତଥା ସର୍ବନିମ୍ନ ସ୍ତର ସଂପର୍କରେ କହିଛନ୍ତି ତାହାକୁ ପ୍ରାପ୍ତ କରିବା ନିମନ୍ତେ ବ୍ୟକ୍ତି ଅବଶ୍ୟ ଉଦ୍ୟମ କରୁ । ପୁନଶ୍ଚ ତହିଁରେ ସେ ଉନ୍ନତି କରୁ । ଧୀରେ ଧୀରେ ଉନ୍ନତି ମଧ୍ୟ ହୋଇଥାଏ । କିନ୍ତୁ ସେ ଯାହା ହେଉ ଅକାରଣରେ ସମସ୍ୟାଗ୍ରସ୍ତ କରିବା ସଂପର୍କରେ ଇସ୍‌ଲାମ୍ ଧର୍ମ ବାରଣ କରିଛି ଓ ଏହି କଥାକୁ ଆପଣ ଅ.ସ ମଧ୍ୟ ବାରଣ କରିଛନ୍ତି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ବାଲ୍ୟକାଳରେ ହ. ମସିହ୍ ମଉଦ୍ ଅ.ସଙ୍କ କିପରି ଅବସ୍ଥା ରହିଥିଲେ, ସେଥି ସଂକ୍ରାନ୍ତରେ ମିସ୍ତ୍ରୀ ମୁହମ୍ମଦ୍ ସାହେବ କୁହନ୍ତି: "ମୋ ପିତାଶ୍ରୀଙ୍କ ନାମ ଜିଓା ଥିଲା । ପିତାଶ୍ରୀ ଆମମାନଙ୍କୁ ଏହା ଶୁଣାଉଥିଲେ (କହୁଥିଲେ) ଯେ, ମିର୍ଜା ସାହେବ ଏକଦା ଛାତ ଉପରୁ ତଳକୁ ଗଳି ପଡ଼ିଲେ ଏବଂ ଆପଣ ଅ.ସ ଗମ୍ଭୀର ଭାବରେ ଆହତ ହେଲେ । ଆମମାନଙ୍କୁ ଯେତେବେଳେ ସୂଚନା ମିଳିଲା ଯେ, ହ. ମିର୍ଜା ସାହେବ ଛାତ ଉପରୁ ତଳକୁ ଖସି ପଡ଼ିଛନ୍ତି ସେତେବେଳେ ଆମେମାନେ ଖବର ପୁଷ୍ଟି ନିମନ୍ତେ ଆପଣ ଅ.ସଙ୍କ ପାଖକୁ ଗଲୁ । ଆମେମାନେ ସେଠାରେ ଯେତେବେଳେ ପହଞ୍ଚିଲୁ ସେତେବେଳେ ଆପଣ ଅ.ସଙ୍କ ଚେତା ଫେରିଥିଲା । ଆପଣ ଅ.ସ ସେତେବେଳେ ପଚାରିଲେ ଯେ, ନମାଜ୍‌ର ସମୟ ହୋଇଛି ଅବା ନୁହେଁ ? ଆପଣ ଅ.ସ ନମାଜ୍‌କୁ କେତେ ଭଲ ପାଉଥିଲା ? ପିତାଶ୍ରୀ ଆମକୁ ଏହି ଘଟଣାଟି ଯେତେବେଳେ କହୁଥିଲେ ସେତେବେଳେ ମୁଁ ଛୋଟ ଥିଲି ।" **(ରେଜିଷ୍ଟର ରିୱାୟାତେ ସାହାବା, ଅପ୍ରକାଶିତ ଗ୍ରନ୍ଥଖଣ୍ଡ-1, ପୃ-58, ବର୍ଣ୍ଣନାକାରୀ-ମିସ୍ତ୍ରୀ ଫକୀର ମୁହମ୍ମଦ୍ ସାହେବ ତର୍ଖାନ କାଦିରାବାଦ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍ମାଇଲ୍ ସାହେବ ର.ଅ ଠାରୁ ବର୍ଣ୍ଣନା କରିଛନ୍ତି । ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍ମାଇଲ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, 1895 ମସିହାରେ ଯେତେବେଳେ ମୋତେ କାଦିୟାନ୍‌ରେ ସଂପୂର୍ଣ୍ଣ ରମ୍‌ଜାନ ମାସ ଅତିବାହିତ କରିବାର ସୁଯୋଗ ପ୍ରାପ୍ତ ହେଲା ଏବଂ ମୁଁ ମାସ ସାରା ହ. ସାହେବ ର.ଅଙ୍କ ପଛରେ ନମାଜ୍ ତହଜ୍ଜୁଦ୍ ଅର୍ଥାତ୍ ତରାୱିହ୍ ନମାଜ ପାଠ କଲି । ଆପଣ ଅ.ସଙ୍କ ଏହି ଅଭ୍ୟାସ ଥିଲା ଯେ, ଆପଣ ପ୍ରଥମ ରାତ୍ରରେ ହିଁ ଅର୍ଥାତ୍ ଇଶା ନମାଜ୍ ପରେ ହିଁ ନମାଜେ ୱିତର୍ ପାଠ କରି ନେଉଥିଲେ ଓ ନମାଜ୍ ତହଜ୍ଜୁଦ୍ 8 ରକାତ୍ ଅର୍ଥାତ୍ ଦୁଇ ଦୁଇ ରକାତ୍ କରି ରାତ୍ରର ଶେଷ ପ୍ରହରରେ ପାଠ କରୁଥିଲେ । ସେହି 8 ରକାତ୍ ନମାଜ୍‌ର ପ୍ରଥମ ରକାତରେ ଆପଣ ଅ.ସ ଆୟତୁଲ୍ କୁର୍ସିର ତିଲାୱତ୍ କରୁଥିଲେ ଅର୍ଥାତ୍ اَللّٰهُ لَاۤ اِلٰهَ اِلَّا هُوَ ... وَهُوَ الْعَلِيُّ الْعَظِيْمُ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ରକାତ୍‌ରେ ଆପଣ ଅ.ସ ସୂରତୁଲ୍ ଇଖ୍‌ଲାସ୍ ପାଠ କରୁଥିଲେ ଏବଂ ରୁକୁ ତଥା ସଜ୍‌ଦାରେ ଆପଣ ଅ.ସ يَا حَيُّ يَا قَيُّوْمُ بِرَحْمَتِكَ اَسْتَغِيْثُ ବହୁଳ ରୂପେ ପାଠ କରୁଥିଲେ । ଆପଣ ଅ.ସ ଏପରି ସ୍ୱରରେ ପାଠ କରୁଥିଲେ ଯେପରିକି ମୁଁ ଆପଣ ଅ.ସଙ୍କ ସ୍ୱରକୁ ଶୁଣି ପାରୁଥିଲି । ଅର୍ଥାତ୍ ଆପଣ ଅ.ସ ଧୀରେ ଧୀରେ ପାଠ କରୁଥିଲେ । ଉଚ୍ଚ ସ୍ୱରରେ ଆପଣ ପାଠ କରୁ ନଥିଲେ । ସେହିପରି ଆପଣ ଅ.ସ ନମାଜ୍ ତହଜ୍ଜୁଦ୍ ପରେ ସେହ୍‌ରୀ ସେବନ କରୁଥିଲେ ଓ ସେହ୍‌ରୀରେ ଆପଣ ଏତେ ବିଳମ୍ବତା କରୁଥିଲେ ଯେ, ବେଳେବେଳେ ସେହ୍‌ରୀ ଖାଇବା ସମୟରେ ଅଜାନ୍ ମଧ୍ୟ ହୋଇଯାଉଥିଲା ତଥା ଅଜାନ୍ ଶେଷ ହେବା ପର୍ଯ୍ୟନ୍ତ ଆପଣ ଅ.ସ ଆହାର ଖାଉଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ଉଲ୍ଲେଖ କରିଛନ୍ତି ଯେ...... "ପ୍ରକୃତ ପ୍ରସଙ୍ଗ ଏହିକି ଯେ, ଯେପର୍ଯ୍ୟନ୍ଦ ପୂର୍ବ ଦିଗ୍‌ବଳୟରୁ ସୂର୍ଯ୍ୟ ଉଦୟ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେହ୍‌ରୀ ସେବନ (ଖାଇବା) ଉଚିତ୍ (ବୈଧ) ଅଟେ । ଅଜାନ୍ ସହିତ ସେହ୍‌ରୀର କୌଣସି ସଂପର୍କ ନାହିଁ । କାରଣ ସକାଳର ଅଜାନର ସମୟ ମଧ୍ୟ ଉଷାଲୋକ ଅର୍ଥାତ ସିନ୍ଦୁରା ଫାଟିଲା (ସୂର୍ଯ୍ୟୋଦୟ ହେବା) ବୋଲି ଧାର୍ଯ୍ୟ ହୋଇଛି । ସେଇଥି ପାଇଁ ଲୋକମାନେ ସାଧାରଣତଃ ସେହ୍‌ରୀର ଶେଷ ସମୟ ଅଜାନ୍ ହେବା ବୋଲି ମନେ କରି ନେଇଥାଆନ୍ତି ।" ଆପଣ ର.ଅ ଉଦାହରଣ ଦେଲେ ଯେ : "ଯେହେତୁ କାଦିୟାନ୍‌ରେ ସକାଳର ଅଜାନ୍ ପ୍ରତ୍ୟୁଷ ଅର୍ଥାତ ସିନ୍ଦୁରା ଫାଟିବା ସହିତ ହୋଇ ଯାଇଥାଏ । କେବଳ ସେତିକି ନୁହେଁ ବରଂ ସମ୍ଭବତଃ ବେଳେବେଳେ ଭୁଲବଶତଃ ଏବଂ ଅସାବଧାନତା ଯୋଗୁଁ ଏହା ପୂର୍ବରୁ ମଧ୍ୟ ଅଜାନ୍ ହୋଇ ଯାଇଥାଏ ତେଣୁ ଏପରି ଅବସରରେ ଆପଣ ଅ.ସ ଅଜାନ୍‌କୁ ଭ୍ରୂକ୍ଷେପ କରୁ ନଥିଲେ ଏବଂ ସକାଳ ହେବା ପର୍ଯ୍ୟନ୍ତ ସେହ୍‌ରୀ ଖାଉଥିଲେ ଏବଂ ବାସ୍ତବରେ ଧର୍ମ ବିଧାନର ଉଦ୍ଦେଶ୍ୟ ମଧ୍ୟ ଏଥି ସଂକ୍ରାନ୍ତରେ ଏହା ନୁହେଁ ଯେ, ଯେତେବେଳେ ଶୈକ୍ଷିକ ରୂପେ ଏବଂ ହିସାବର ସହିତ ସକାଳର ଆରମ୍ଭ ହୁଏ ସେତେବେଳେ ଆହାର ସେବନ କରିବା (ଖାଇବା) ପରିତ୍ୟାଗ କରିଦେବା ଉଚିତ୍ । କେବଳ ସେତିକି ନୁହେଁ ବରଂ ଉଦ୍ଦେଶ୍ୟ ଏହିକି ଯେ, ଯେତେବେଳେ ସାଧାରଣ ଲୋକମାନଙ୍କ ଦୃଷ୍ଟିରେ ସକାଳର ଧଳା ବର୍ଣ୍ଣ (ଆଲୋକ) ପ୍ରକଟିତ ହୋଇଯାଏ ସେତେବେଳେ ଖାଦ୍ୟ ଖାଇବା ପରିତ୍ୟାଗ କରିଦେବା ଉଚିତ୍। ସୁତରାଂ ତବୈୟିନ୍‌ର ଶବ୍ଦଟି ଉକ୍ତ କଥାକୁ ପରିପ୍ରକାଶିତ କରୁଛି । ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ୍ ସ.ଅ କହିଲେ, ହେ ସାହାବାମାନେ! ତୁମେମାନେ ହ. ବିଲାଲ୍ ର.ଅଙ୍କ ଅଜାନ୍ ଶୁଣିବା ମାତ୍ରେ ସେହ୍‌ରୀ କରିବା ତ୍ୟାଗ କର ନାହିଁ । ବରଂ ଇବ୍‌ନେ ଉମ୍ମେ ମକ୍‌ତୁମ୍‌ଙ୍କ ଅଜାନ୍ ପର୍ଯ୍ୟନ୍ତ ନିଃସନ୍ଦେହ ରୂପେ ଆହାର ଖାଅ ଓ ଜଳପାନ କର । କାରଣ ଇବ୍‌ନେ ଉମ୍ମେ ମକ୍‌ତୁମ୍ ଅନ୍ଧ ବ୍ୟକ୍ତି ଥିଲେ ଏବଂ ଯେପର୍ଯ୍ୟନ୍ତ ଲୋକମାନଙ୍କର ବାର୍ତ୍ତାଳାପର ସ୍ୱର ଶୁଭୁ ନଥିଲା ଯେ, ସକାଳ ହୋଇଯାଇଛି ସେତେବେଳେ ପର୍ଯ୍ୟନ୍ତ ଇବ୍‌ନେ ଉମ୍ମେ ମକ୍‌ତୁମ୍ ଅଜାନ୍ ଦେଉ ନଥିଲେ ।" **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-2, ପୃ-295-296, ବର୍ଣ୍ଣନା ସଂଖ୍ୟା-320)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଆଜିକାଲି ତ' ଯୁଗ ଆଧୁନିକ ହୋଇଯାଇଛି ଏବଂ ଅଧୁନିକ ଯନ୍ତ୍ରପାତି ମାଧ୍ୟମରେ ସକାଳ ହେବାର ସଠିକ୍ ଗଣନା କରାଯାଇ ପାରୁଛି । ତେଣୁ ପ୍ରାୟତଃ ଅଜାନ୍‌ର ଶେଷ ସମୟ ନିର୍ଦ୍ଧାରିତ ଅଟେ । ଏହା ହିଁ ଚେଷ୍ଟା କରାଯାଇଥାଏ । କିନ୍ତୁ ବେଳେବେଳେ ସମ୍ଭବତଃ ଏପରି ମଧ୍ୟ ହୋଇଥାଏ ଯେ, ବ୍ୟକ୍ତିକୁ ଭ୍ରମ ଲାଗିଯିବ । ଯଦି କେଉଁଠି ଭୁଲ୍‌ବଶତଃ ଅଜାନ୍ ଶୀଘ୍ର ମଧ୍ୟ ହୋଇଯାଏ ତେବେ ସେ ସ୍ଥଳେ ଏହି ନିୟମ ପ୍ରୟୋଗ କରାଯିବ ଯାହାକି ଉପରୋକ୍ତରେ ବର୍ଣ୍ଣିତ ହୋଇଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ରମ୍‌ଜାନ୍ ମାସ ଆରମ୍ଭ ହେଉଛି, ତେଣୁ ମୁଁ ଏହି ମାର୍ଗଦର୍ଶନ ମଧ୍ୟ ଦେଇ ଦେଉଛି । କିନ୍ତୁ ଲୋକମାନଙ୍କୁ ଏତେ ନିଶ୍ଚିନ୍ତ (Relax) ହୋଇଯିବା ଅନୁଚିତ୍ ଯେ, ସେମାନେ ଅନେଇ ଚାଲିଥିବେ ଯେ, ଦିନ ବୃଦ୍ଧି ହେଲା(ସକାଳ ହେଲା) ଅବା ନୁହେଁ । ସେ ଯାହା ଆମମାନଙ୍କର ଅଜାନ୍ ଏବଂ ଯେଉଁ ସମୟ ରହିଛି ତାହା ସଠିକ୍ ହିସାବ କିତାବ, ଗଣନା ଓ ଗାଣିତିକ ପଦ୍ଧତି ଅନୁଯାୟୀ ଧାର୍ଯ୍ୟ କରାଯାଇଛି । ଯେହେତୁ ସାଂପ୍ରତିକ ଯୁଗଟି ପ୍ରାଚୀନ ଯୁଗ ଅପେକ୍ଷା ଅତ୍ୟାଧୁନିକ ଯୁଗ ଅଟେ, ତେଣୁ ଭୁଲ୍ ହେବାର ସମ୍ଭାବନା ପ୍ରାୟତଃ କମ୍ ରହିଛି । ତେଣୁ ଚାର୍ଟକୁ ଫଲୋ କରିବା ଉଚିତ୍, ଚାର୍ଟ ଉପରେ କାର୍ଯ୍ୟନୁସରଣ କରିବା ଉଚିତ୍ । ଏହି ଚାର୍ଟ ପ୍ରତ୍ୟେକ ଅଞ୍ଚଳ ଏବଂ ଦେଶର ସମୟାନୁଯାୟୀ ପ୍ରସ୍ତୁତ କରାଯାଇଥାଏ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏକ ବର୍ଣ୍ଣନା ବର୍ଣ୍ଣନା କରିଛନ୍ତି: "ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ମୋତେ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଏକଦା ନମାଜେ ଇସ୍ତିସ୍କା (ବର୍ଷା ହେବା ନିମନ୍ତେ ନମାଜ ପାଠ) କରାଯାଇଥିଲା । ସେହି ନମାଜ୍‌ରେ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ସାମିଲ୍ ଥିଲେ ଏବଂ ସମ୍ଭବତଃ (ବୋଧେ) ସ୍ୱର୍ଗତ ମୌଲବୀ ମୁହମ୍ମଦ ଅହସନ୍ ସାହେବ ଇମାମ୍ ହୋଇଥିଲେ । ଲୋକମାନେ ନମାଜ୍‌ରେ ବହୁତ କାନ୍ଦି ଥିଲେ । କିନ୍ତୁ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ କାନ୍ଦୁଥିବାର ଦେଖି ନଥିଲି । କାରଣ ଯେହେତୁ ଆପଣ ଅ.ସଙ୍କ ନିଜ ଉପରେ ନିୟନ୍ତ୍ରଣ ଥିଲା ସେଇଁଥି ପାଇଁ ଆପଣ ଅ.ସଙ୍କୁ ମୁଁ କାନ୍ଦୁ ଥିବାରେ ଦେଖି ନାହିଁ । ମୋର ମନେଅଛି ଯେ, ଏହାପରେ ଅର୍ଥାତ୍ ନମାଜେ ଇସ୍ତିସ୍କା ପରେ ଅନେକ ବାଦଲ୍ ଆସିଲା ଏବଂ ବର୍ଷ ହୋଇଗଲା । କେବଳ ସେତିକି ନୁହେଁ ବରଂ ସମ୍ଭବତଃ ସେହି ଦିନ ବର୍ଷା ହୋଇଥିଲେ ।" **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-2, ପୃ-**

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

**393, ବର୍ଣ୍ଣନା ସଂଖ୍ୟା-435)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ.ମିର୍ଜା ବଶୀର୍ ଅହମଦ ସାହେବ ର.ଅ ହ. ଅମ୍ମା ଜାନ୍ ନୁସ୍ରତ୍ ଯାହାଁ ବେଗମ୍ ର.ଅଙ୍କର ଏକ ଘଟଣା ବର୍ଣ୍ଣନା କରିଛନ୍ତି ଯେ: "ମାତାଶ୍ରୀ ବର୍ଣ୍ଣନା କଲେ ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପାଞ୍ଚବେଳା ନମାଜ୍ ପାଠ କରୁଥିଲେ । କିନ୍ତୁ ଆପଣ ଅ.ସ ଦୁଇ ପ୍ରକାରର ନଫିଲ୍ ନମାଜ୍ ମଧ୍ୟ ପାଠ କରୁଥିଲେ ଯଥା- 1- ଇଶ୍ରାକ୍‌ର ନମାଜ୍ (ଦୁଇ କିମ୍ବା ଚାରି ରକାତ୍) । ଏହି ନମାଜ୍ ଆପଣ ଅ.ସ ବେଳେ ବେଳେ ପାଠ କରୁଥିଲେ । ତହିଁରେ ଆପଣ ଅ.ସ ନିୟମାନୁବର୍ତ୍ତୀତା ଅବଲମ୍ବନ କରୁ ନଥିଲେ ଏବଂ ଅନ୍ୟ ନମାଜ୍ ଯଥା ତହଜ୍ଜୁଦ୍ ନମାଜ୍ ଆପଣ 8 ରକାତ୍ ସର୍ବଦା ପାଠ କରୁଥିଲେ । କିନ୍ତୁ ଆପଣ ଯେତେବେଳେ ଅଧିକ ଅସୁସ୍ଥ ରହୁଥିଲେ ସେତେବେଳେ ଆପଣ ଅ.ସ ନଫିଲ୍ ନମାଜ୍ ପାଠ କରୁ ନଥିଲେ । କିନ୍ତୁ ଏପରି ପରିସ୍ଥିତିରେ ମଧ୍ୟ ଆପଣ ଅ.ସ ନମାଜ ତହଜ୍ଜୁଦ ସମୟରେ ଶେଯ ଉପରେ ଶୋଇବା ଅବସ୍ଥାରେ ହିଁ ନମାଜ୍ ପାଠ କରୁଥିଲେ ଏବଂ ଦୁଆ କରୁଥିଲେ । ଜୀବନର ଶେଷ ବୟସରେ ଦୁର୍ବଳତା ଯୋଗୁଁ ଆପଣ ସାଧାରଣତଃ ବସିକି ନମାଜ୍ ପାଠ କରୁଥିଲେ ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-4, ବର୍ଣ୍ଣନା ସଂଖ୍ୟା-3)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୌଲବୀ ୟାକୁବ୍ ଅଲୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମକଦ୍ଦମା ଅନୁକରଣ କରିବା ସମୟରେ ଯେତେବେଳେ ଆପଣ କୋର୍ଟ କଚେରୀକୁ ଯାଉଥିଲେ ସେତେବେଳେ ଆପଣ ନିଜ ପିତାଶ୍ରୀଙ୍କ ଆଦେଶ ପାଳନ ସକାଶେ କଚେରୀକୁ ଯାଉଥିଲେ । ସେଠାରେ ଆପଣ ଅ.ସ ଉକ୍ତ କଥାର ଧ୍ୟାନ ରଖୁଥିଲେ ଯେ, ମକଦ୍ଦମା ସମୟରେ କୌଣସି ନମାଜ୍ ଯେପରି ନଛାଡ଼ି ଯାଉ ଓ ନା ହିଁ ଆପଣ ଅ.ସ କେବେ କୌଣସିନ ନମାଜ୍ ଛାଡ଼ିଛନ୍ତି । ସେହିପରି ଆପଣ ଅ.ସ ନିଜର କର୍ତ୍ତବ୍ୟ ଏବଂ ଫର୍ଜ ନମାଜରୁ କେବେ ବି ଅବଚେତନ ହେଉ ନଥିଲେ । ଅର୍ଥାତ୍ ଯାହା ଅଲ୍ଲାଃତାଲା ଓ ତାହାଙ୍କ ଭକ୍ତମାନଙ୍କର କର୍ତ୍ତବ୍ୟ ସଂକ୍ରାନ୍ତୀୟ ପ୍ରସଙ୍ଗ ଥିଲା ସେଥି ସଂକ୍ରାନ୍ତରେ ଆପଣ ଅ.ସ କେବେ ବି ନିଜର କର୍ତ୍ତବ୍ୟରୁ ଓହରୁ ନଥିଲେ କି କେବେ ବି ଅବହେଳା ପ୍ରଦର୍ଶନ କରି ନଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଠିକ୍ କଚେରୀ ସମୟରେ ଆପଣ ନମାଜ୍ ସମୟରେ ଏପରି ନିମଗ୍ନ (ମଶଗୁଲ୍) ହୋଇ ଯାଉଥିଲେ ଯେ, ଆପଣଙ୍କର ଅନ୍ୟ କୌଣସି କାମ ଦାମ ହିଁ ନଥିଲା । ବେଳେବେଳେ ଏପରି ମଧ୍ୟ ହେଲା ଯେ, ଆପଣ ଅ.ସ ନମାଜରେ ନିମଜ୍ଜିତ ହେଉଥିଲେ ଅନ୍ୟ ପଟରେ ମକଦ୍ଦମାରେ ଆପଣ ଅ.ସଙ୍କୁ ଡାକରା ଦିଆଯାଉଥିଲା । କିନ୍ତୁ ଆପଣ ଅ.ସ ସେହିପରି ଧୈର୍ଯ୍ୟ ଓ ସ୍ଥିର ସହକାରେ ନମାଜ୍ ପାଠ କରୁଥିଲେ । ଏକଦା ଆପଣ ଅ.ସ କହିଲେ, "ମୁଁ ବଟାଲାର ଏକ ମକଦ୍ଦମା ପ୍ରସଙ୍ଗରେ ଗଲି । ତେବେ ସେଠାରେ ନମାଜ ସମୟ ହୋଇଗଲା ଏବଂ ମୁଁ ନମାଜ୍ ପାଠ କରିବାକୁ ଲାଗିଲି । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ନାମଜ୍ ପାଠ କରିବାକୁ ଲାଗିଲେ । ପିଅନ ଜଣକ ଡାକ ମାରିଲା କିନ୍ତୁ ମୁଁ ନମାଜରେ ଥିଲି । ପ୍ରତିପକ୍ଷ ଉପସ୍ଥିତ ହୋଇଗଲା ଏବଂ ସେ ଏକ ତରଫା କାର୍ଯ୍ୟାନୁଷ୍ଠାନରୁ ଫାଇଦା ଉଠାଇବାକୁ ଚାହିଁଲା । ଅର୍ଥାତ୍ ପ୍ରତିପକ୍ଷ ଏହା ଭାବିଲା ଯେ, ପ୍ରଥମ ପକ୍ଷ ତ' ଉପସ୍ଥିତ ହୋଇ ନାହିଁ, ତେଣୁ ଜଜ୍‌ଙ୍କୁ ସେ ଅନୁରୋଧ କଲା ଯେ, ଜଜ୍ ସାହେବ ! ଏକ ତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ନିର୍ଣ୍ଣୟ ତା' ସପକ୍ଷରେ କରାଯାଉ । ସେ ଏହି କଥା ଉପରେ ଜୋର୍ ଦେଲା । କିନ୍ତୁ ଅଦାଲତ୍ ତା' କଥାକୁ ଭ୍ରୂକ୍ଷେପ କଲା ନାହିଁ । କିନ୍ତୁ ମକଦ୍ଦମାଟି ଓଲଟା ତା' ବିରୁଦ୍ଧରେ ହୋଇଗଲା ଏବଂ ମୋତେ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ) ସପକ୍ଷରେ ବିଚାରପତି ନ୍ୟାୟ କରିଦେଲେ । ଜଜ୍ ସାହେବ ମୋ ସପକ୍ଷରେ ରାୟ ଶୁଣାଇଦେଲେ । କିନ୍ତୁ ମୁଁ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ନମାଜ୍ ପାଠ କରି ସାରିଲି ସେତେବେଳେ ମୋର ଏହି ଧାରଣା ରହିଥିଲା ଯେ, ସମ୍ଭବତଃ ବିଚାରପତି ଜଣକ ଆଇନତଃ ମୋର ଅନୁପସ୍ଥିତିକୁ ଲକ୍ଷ୍ୟ କରିଥିଲେ । ଆଇନ୍ ମଧ୍ୟ ଏହା ହିଁ କହିଥାଏ ଯେ, ଯେତେବେଳେ ଅଦାଲତ୍‌ରେ କୌଣସି ପ୍ରତିପକ୍ଷ ଉପସ୍ଥିତ ନହୁଅନ୍ତି ତେବେ ସେପରିପ୍ରେକ୍ଷୀରେ ନ୍ୟାୟ ତଥା ରାୟ ଗୋଟିଏ ପକ୍ଷ ସପକ୍ଷରେ ହିଁ କରି ଦିଅନ୍ତି । କିନ୍ତୁ ମୁଁ ଯେତେବେଳେ ଉପସ୍ଥିତ ହେଲି ଏବଂ ଜଜ୍ ସାହେବଙ୍କୁ କହିଲି ଯେ, ଜଜ୍ ସାହେବ ! ଆଜ୍ଞା ମୁଁ ତ' ବାହାରେ ନମାଜ୍ ପାଠ କରୁଥିଲି । ପ୍ରତ୍ୟୁତ୍ତରରେ ଜଜ୍ ସାହେବ କହିଲେ, ମହୋଦୟ ! ମୁଁ ତ' ଆପଣଙ୍କ ସପକ୍ଷରେ ରାୟ ଦେଇ ସାରିଛି।"

**(ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-47)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ମଧ୍ୟ ଉପାସନାର କଲ୍ୟାଣ ଯେ, ଅଲ୍ଲାଃତାଲା କିପରି ନିଜର କୃପା ଆପଣ ଅ.ସଙ୍କ ଉପରେ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ.ମିର୍ଜା ବଶୀର୍ ଅହମଦ ସାହେବ ର.ଅ ହ. ଅମ୍ମା ଜାନ୍ ନୁସ୍ରତ୍ ଯାହାଁ ବେଗମ ର.ଅଙ୍କ ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ କରନ୍ତି ଯେ: "ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ଘରେ ମଗ୍‌ରିବ୍ ନମାଜ ପାଠ କରୁଥିଲେ ସେତେବେଳେ ଆପଣ ଅନେକ ଥର ସୁରାଃ ୟୁସୁଫ୍‌ର ସେହି ଆୟତ୍ ପାଠ କରୁଥିଲେ ଯହିଁରେ ଏହି ଶବ୍ଦାବଳୀ ଆସିଥାଏ: إِنَّمَا أَشْكُوا بَثِّي وَحُزْنِي إِلَى اللّٰهِ **(ୟୁସୁଫ୍: 87)**ଅର୍ଥାତ୍ ସେ କହିଲେ, "ମୁଁ ବ୍ୟାକୁଳତା ଓ ଦୁଃଖର ଗୁହାରି କେବଳ ଅଲ୍ଲାଃଙ୍କ ସାମ୍ନାରେ ହିଁ କରୁଛି ।" ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ ଏକଥା କହିଦେବାକୁ ଚାହୁଁଛି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱରରେ ଅତ୍ୟନ୍ତ ଦୁଃଖ ଓ ବେଦନା ଥିଲା । ଆପଣ ଅ.ସଙ୍କ କିର୍‌ଅତ୍ (ପବିତ୍ର କୁରଆନ୍ କରୀମ୍‌ର ପଠନ ଶୈଳୀ) ଅତ୍ୟନ୍ତ ତରଙ୍ଗମୟ ହେଉଥିଲା ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-61, ବର୍ଣ୍ଣନା ସଂଖ୍ୟା-85)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ମିର୍ଜା ମୁହମ୍ମଦ୍ ଦୀନ୍ ସାହେବ ର.ଅ ବର୍ଣ୍ଣନା କଲେ ଯେ, ଆପଣ ଅ.ସ ମସ୍‌ଜିଦ୍‌ରେ ଫର୍ଜ ନମାଜ୍ ପାଠ କରୁଥିଲେ । ଅପରପକ୍ଷେ ଆପଣ ଅ.ସ ଘରେ ସୁନ୍ନତ୍ ଏବଂ ନଫିଲ୍ ନମାଜ୍ ପାଠ କରୁଥିଲେ । ଇଶା ନମାଜ୍ ପରେ ଆପଣ ସ.ଅ ଶୀଘ୍ର ଶୋଇ ଯାଉଥିଲେ ଏବଂ ପୁନଶ୍ଚ ଅର୍ଦ୍ଧ ରାତ୍ର ପରେ ଆପଣ ଉଠି ଯାଉଥିଲେ ଓ ନଫିଲ୍ ନମାଜ ପାଠ କରୁଥିଲେ । ତପ୍‌ରେ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ (ଆବୃତ୍ତି) କରୁଥିଲେ । ଆପଣ ଅ.ସ ମାଟି ଦୀପ ଜାଳୁଥିଲେ ଓ ସକାଳ ଅଜାନ୍ ପର୍ଯ୍ୟନ୍ତ ଆପଣ ତିଲାୱତ୍ କରଥିଲେ । **(ଦୈନିକ ଅଲ୍ ଫଜଲ୍ କାଦିୟାନ୍, 1941 ମସିହା ଡିସେମ୍ବର ମାସ 2 ତାରିଖ, ପୃ-3)**

ହୁଜୁର୍ ଅନୱର୍ ଅ.ବ କହିଲେ, ଆଉ ଜଣେ ଜୀବନୀ ଲେଖାଳୀ ଉଲ୍ଲେଖ କରିଛନ୍ତି ଯେ, ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍ ଏବଂ ଆଁହଜରତ୍ ସ.ଅଙ୍କ ସୁନ୍ନତ୍‌କୁ ବେଶ୍ ଭଲ ପାଉଥିଲେ ଏବଂ ଆପଣ ଅ.ସଙ୍କ ଯେଉଁ ଉପାସନା ରହିଥିଲା ତାହା ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତ୍ ଠାରୁ ସୀମାତିକ୍ରମ (ସୀମା ଲଂଘନ) କରୁ ନଥିଲା। ଆପଣ ଅ.ସ ପାଞ୍ଚବେଳା ନମାଜ ବ୍ୟତୀତ ନମାଜ୍ ତହଜ୍ଜୁଦ୍ ନିୟମିତ ରୂପେ ପାଠ କରୁଥିଲେ, ଆପଣ ଅ.ସ ଇଶ୍ରାକ୍ ନମାଜ୍ ମଧ୍ୟ ପାଠ କରି ନେଉଥିଲେ । କିନ୍ତୁ ଆପଣ ନମାଜ୍ ତହଜ୍ଜୁଦ୍‌କୁ ବହୁତ ଭଲ ପାଉଥିଲେ । ନମାଜ୍‌ରେ ଆପଣ ଅ.ସଙ୍କ ଧ୍ୟାନ ତଥା ନିମଗ୍ନତା ଅଲ୍ଲାଃତାଲାଙ୍କ ଆଡ଼କୁ ଅଧିକ ରହୁଥିଲା । ଏପର୍ଯ୍ୟନ୍ତକି ଆପଣ ସଂସାରରେ ନାହାନ୍ତି । ଆପଣ ଅ.ସ ତହଜ୍ଜୁଦ୍ ନମାଜ୍‌ରେ ସୁରାଃ ଫାତିହା ଅତ୍ୟନ୍ତ ବେଦନାପୂର୍ଣ୍ଣ ଭାବରେ ଓ ଧ୍ୟାନର ସହକାରେ ପୋଠ କରୁଥିଲେ । ସେହିପରି ଆପଣ ଅ.ସ ବହୁତ ଦୁଆ କରୁଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ବେଳେବେଳେ ଯଦି ଆପଣ ଅ.ସଙ୍କର ଧ୍ୟାନ ନମାଜ୍‌ରେ ଲାଗୁ ନଥିଲା ସେତେବେଳେ ଆପଣ ଅ.ସ ବାରମ୍ବାର ନମାଜ୍ ପାଠ କରୁଥିଲେ । ଆପଣ ଅ.ସ କହୁଥିଲେ ଯେ, ଏହି ପଥ୍ୟ ମୁଁ ଜଣ୍ୟ ମଦ୍ୟପ (ମଦୁଆ ବ୍ୟକ୍ତି) ଠାରୁ ଶିଖିଛି । ହୁଜୁର୍ ଅ .ସ କହିଲେ, ଏକଦା ମୋତେ ନମାଜ୍‌ରେ ପ୍ରଭୁଙ୍କ ଉପସ୍ଥିତି ମନରେ ଅନୁଭବ ହେଲା ନାହିଁ ତେବେ ମୁଁ ଜଙ୍ଗଲ ଆଡ଼କୁ ବାହାରି ପଡ଼ିଲି ଯେ, ମୁଁ ସେଠାକୁ ଯାଇ ନମାଜ ପାଠ କରିବି । ସେ ଯାହା ହେଉ ବାଟରେ ବଜାର ପଡୁଥିଲା, ସେଠାରେ ଜଣେ ହିନ୍ଦୁ ବ୍ୟକ୍ତି ନିଜର ଅନ୍ୟ ଜଣେ ବନ୍ଧୁକୁ କହୁଥିଲା ଯେ, ବନ୍ଧୁ ! ରାତିରେ ଆମେମାନେ ମଦର ଗୋଟିଏ ପ୍ୟାଗ୍ ପାନ (ପିଇଲୁ) କଲୁ କିନ୍ତୁ ନିଶା ନହେବାରୁ ଆମେ ଦ୍ୱିତୀୟ ପ୍ୟାଗ୍ ପାନ କଲୁ । ଯେତେବେଳେ ଦ୍ୱିତୀୟ ପ୍ୟାଗରୁ ବି ନିଶା ହେଲା ନାହିଁ ସେତେବେଳେ ଆମେ ତୃତୀୟ ପ୍ୟାଗ ପାନ କଲୁ । ଅତଏବ୍ ଏହିପରି ଭାବରେ ଆମେମାନେ ବରାମ୍ବାର ମଦ୍ୟପାନ କଲୁ, ଏପର୍ଯ୍ୟନ୍ତକି ଆମମାନଙ୍କୁ ନିଶା ହୋଇଗଲା । ହ. ମସିହ୍ ମଉଦ୍ ଅ.ସ କହୁଥିଲେ: "ମୁଁ ଭାବିଲି ଯେ, ମୁଁ ମଧ୍ୟ ବରମ୍ବାର ନମାଜ ପାଠ କରିବି ଏପର୍ଯ୍ୟନ୍ତକି ମୋତେ ଆଧ୍ୟାତ୍ମିକ ନିଶା ହୋଇଯିବା"

**(ମୁଜଦ୍ଦିଦେ ଆଜମ୍, ଲେଖକ- ଡାକ୍ତର ବିଶାରଦ୍ ଅହମଦ୍ ସାହେବ, ଗ୍ରନ୍ଥଖଣ୍ଡ-1, ପୃ-26, ପ୍ରକାଶକ- ଅହମଦିୟା ଅଞ୍ଜୁମନ ଇଶାଅତେ ଇସ୍‌ଲାମ୍, ଲାହୋର)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଫର୍ଜ ନମାଜ୍ ତ' ବାରମ୍ବାର ପାଠ କରାଯାଇ ପାରିବ ନାହିଁ । କିନ୍ତୁ ନୱାଫିଲ୍ ପାଠ କରିବା ପ୍ରତି ଆପଣ ଅ.ସଙ୍କର ଧ୍ୟାନ ରହୁଥିଲା । ତେଣୁ ଆପଣ ଅ.ସ କହିଲେ, "ମୁଁ ବାରମ୍ବାର ନଫିଲ୍ ନମାଜ୍ ପାଠ କରିବି। ଯଦ୍ଧାରାକି ମୋ ହୃଦୟ ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯାଉ ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନମାଜ୍ ବ୍ୟତୀତ ଆପଣ ସ.ଅଙ୍କ ଜପ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍, ଦୁରୁଦ୍ ଶରୀଫ୍ ପାଠ ଓ ଇସ୍ତିଗ୍‌ଫାର ଥିଲା । ଆପଣ ଅ.ସ ପବିତ୍ର କୁର୍‌ଆନ୍ କରୀମକୁ ତ' ଭଲ ପାଉଥିଲେ । ହେଲେ ଆପଣ ଅ.ସ ଦିନ ରାତି, ଶୋଇବା ଉଠିବା, ଚାଲିବା ଏବଂ ବୁଲିବା ସମୟରେ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ ଏବଂ କୋହଭରା କାନ୍ଦ ରୋଦନ ଆପଣ ଅ.ସ କରୁଥିଲେ । ପବିତ୍ର କୁରଆନ୍ କରୀମ୍ ପାଠ କରି ଆପଣ ରୋଦନ ଏବଂ ବିଳାପ ତଥା ବିହ୍ୱଳିତ ଅବସ୍ଥା ସୃଷ୍ଟି ହୋଇଯାଉଥିଲା ।

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon,
Dist- Cuttack, (Odisha)

ଆପଣ ଅ.ସ ବହୁଳ ରୂପେ ଦୁରୁଦ୍ ଶରୀଫ୍ ପାଠ କରୁଥିଲେ ଏବଂ ଏତେ ବେଦନାର ସହିତ ଦୁରୁଦ୍ ଶରୀଫ୍ ପାଠ କରୁଥିଲେ ଯେ, ବେଳେବେଳେ ଦୁରୁଦ୍ ଶରୀଫ୍‌ରେ ରୋଦନ ଏବଂ ବିଳାପ ଅବସ୍ଥା ମଧ୍ୟ ସାମିଲ୍ ହୋଇ ଯାଉଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ଅବସରରେ ଇଶ୍ରାକ୍ ନମାଜ ପାଠ କରିବାର ଚର୍ଚ୍ଚା କରି ଆପଣ ଅ.ସ ସ୍ୱୟଂ ବର୍ଣ୍ଣନା କଲେ ଏବଂ ଏଠାରେ ମହୁ (ମଧୁ)ର ମହତ୍ତ୍ୱ ସଂପର୍କରେ ମଧ୍ୟ କହିଦେଲେ । ହିକମତ୍ (ତତ୍ତ୍ୱ) ଓ ଉପାସନାରେ ଯାଇ କଥା ଅଟକିଲା । ମହୁ ଏବଂ ମଧୁମେହ ରୋଗର ଚର୍ଚ୍ଚା ଚାଲିଥିଲା କି ମଧୁମେହ ରୋଗରେ ମହୁ ସେବନ କରିବା ଉଚିତ୍ ଅବା ନୁହେଁ ? ତେବେ ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, ମଧୁମେହ ରୋଗ ଯୋଗୁଁ ମୁଁ ବହୁତ କଷ୍ଟ ପାଉଥିଲି । ଏହି ରୋଗ ହେଲେ ଡାକ୍ତରମାନେ ମିଠା ଜାତୀୟ ଦ୍ରବ୍ୟ ଏବଂ ଖାଦ୍ୟ ପଦାର୍ଥ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେୱ ହାନୀକାରକ ବୋଲି ମତ ବ୍ୟକ୍ତ କରନ୍ତି । ତେଣୁ ଆଜି ମୁଁ ଏହି ବିଷୟ ଉପରେ ବିଚାର (ଚିନ୍ତା) କରୁଥିଲି କି ମୋ ମନରେ ଏହି ଧାରଣା ଆସିଲା ଯେ, ବଜାରରେ ଯେଉଁ ଗୁଡ଼ ମିଳେ ତାହାକୁ ଅନେକ ଲୋକମାନେ ଏବଂ ପାପୀ ଓ ଦୁରାଚାରୀ ଲୋକମାନେ ପ୍ରସ୍ତୁତ କରିଥାଆନ୍ତି । ଯଦି ତହିଁରୁ କାହାର କିଛି କ୍ଷତି ଘଟେ ତେବେ ତହିଁରେ ଆଶ୍ଚର୍ଯ୍ୟ ହେବାର କିଛି କଥା ନାହିଁ । କିନ୍ତୁ ଅସଲ୍ ଅର୍ଥାତ୍ ମହୁ ତ' ଈଶ୍ୱରଙ୍କ ଐଶୀବାଣୀ ଦ୍ୱାରା ପ୍ରସ୍ତୁତ ହୋଇଥାଏ, ତେଣୁ ଏହାର ବିଶେଷତ୍ୱତା ଅନ୍ୟ ମିଠା ଦ୍ରବ୍ୟ ଏବଂ ପଦାର୍ଥ ପରି କଦାପି ନୁହଁ । ଯଦି ମହୁ ଅନ୍ୟ ମିଠା ଖାଦ୍ୟ ପଦାର୍ଥ ପରି ହୋଇଥାଆନ୍ତା ତେବେ ସମସ୍ତ ମିଠା ଦ୍ରବ୍ୟଜାତ ପଦାର୍ଥ ସଂପ୍ରକରେ ଏହା କୁହାଯାଇ ପାରିଥାଆନ୍ତା ଯେ, شِفَآءٌ لِّلنَّاسِ । କିନ୍ତୁ ତହିଁରେ (ମିଠା ଜାତ ଦ୍ରବ୍ୟ ତଥା ଖାଦ୍ୟ ପଦାର୍ଥରେ) କେବଳ ମହୁକୁ ହିଁ ଅଲ୍ଲାଃତାଲା ବିଶେଷିତ କରିଛନ୍ତି । ଅତଏବ୍ ଏହି ବିଶେଷତା ତା'ର (ମହୁ)ର ଉପକାରୀତାକୁ ଚରିତାର୍ଥ କରିଥାଏ । ଯେହେତୁ ଏହାର (ମହୁର) ପ୍ରସ୍ତୁତି ଐଶୀବାଣୀ ଦ୍ୱାରା ହୋଇଛି ତେଣୁ ମାଛି ପୁଷ୍ପ (ଫୁଲ) ମଧ୍ୟରୁ ମହୁ ରସ ସଂଗ୍ରହ ସଂଗ୍ରହ କରିଥାଏ। ତେଣୁ ମହୁମାଛି ଅବଶ୍ୟ ଫୁଲର ଭଲ ଭାଗରୁ ହିଁ ରସ ସଂଗ୍ରହ କରୁଥିବ । ଏହା ଭାବି ମୁଁ ଟିକିଏ ମହୁ ରସରେ କେଓଡ଼ା ମିଶାଇ ପାନ କରିନେଲି । କିଛି ସମୟ ପରେ ମୋତେ ଉପଶମ (ବହୁତ୍ ଲାଭ) ମଧ୍ୟ ମିଳିଲା । ଏପର୍ଯ୍ୟନ୍ତକି ମୁଁ ନିଜକୁ ଚଲାବୁଲା ନିମନ୍ତେ ଯୋଗ୍ୟ ତଥା ସକ୍ଷମ ବୋଲି ମନେକଲି । ପୂର୍ବେ ମଧୁମେହ ଯୋଗୁଁ ଦୁର୍ବଳତା ଅନୁଭୂତ ହେଉଥିଲା ଏବଂ ପୁନଶ୍ଚ ମୁଁ ଘରର ଲୋକମାନଙ୍କୁ ଧରି ଉଦ୍ୟାନ ପର୍ଯ୍ୟନ୍ତ ଚାଲିଗଲି ଏବଂ ସେଠାରେ ଇଶ୍ରାକ୍‌ର ଦଶ ରକାତ୍ ନମାଜ୍ ପାଠ କଲି । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-34-35, ସଂସ୍କରଣ ବର୍ଷ-2022 ମସିହାରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଏକଦା ଏକ ଭୟଙ୍କର ଭୂମିକମ୍ପ ହେଲା । ସମଗ୍ର ଘର ଏବଂ ଘରର ଆସବାବ ପତ୍ର ସବୁ ହଲିବାକୁ ଲାଗିଲା । ଲୋକମାନେ ଆଶ୍ଚର୍ଯ୍ୟଚକିତ ହୋଇ ଛାନିଆ ହେବାକୁ ଲାଗିଲେ ଯେ, ଏ କ'ଣ ହେଉଛି ? ଏପରି ସମୟରେ ଈଶ୍ୱରଙ୍କ ମସିହ୍‌ଙ୍କ ଅବସ୍ଥା ଅତ୍ୟନ୍ତ ଦର୍ଶନୀୟ ଥିଲା । କାରଣ ଆହଦିସ୍‌ରେ ଆମେମାନେ ପାଠ କରିଥିଲୁ ଯେ, ହ. ନବୀ କରୀମ୍ ସ.ଅ ଏପରି ଆକାଶୀୟ ଏବଂ ଭୂପୃଷ୍ଠସ୍ଥ ଘଟଣାବଳୀ ଯୋଗୁଁ  ପରିବାରବର୍ଗଙ୍କ ଉପରେ ଅଲ୍ଲାଃତାଲାଙ୍କ ମର୍ଯ୍ୟୋଦାଜନକ ଭୟର ବେଶ୍ ଗଭୀର ପ୍ରଭାବ ମୁଖମଣ୍ଡଳରେ ପ୍ରକାଶ କରୁଥିଲେ । ଆଁହଜରତ୍ ସ.ଅ ସାମାନ୍ୟ ବାଦଲ୍ ଦୃଶ୍ୟମାନ (ଦେଖିବା) ହେବା ମାତ୍ରେ ଆପଣ ସ.ଅ ବ୍ୟଗ୍ର ଓ ବ୍ୟାକୁଳିତ ହୋଇ ଉଠୁଥିଲେ । ଆପଣ ସ.ଅ କେତେବେଳେ ବାହାରକୁ ଯାଉଥିଲେ ତ' ଆଉ କେତେବେଳେ ଆପଣ ସ.ଅ ଭିତରକୁ ଆସୁଥିଲେ । ଅତଏବ୍ ସେତେବେଳେ ମଧ୍ୟ ଆପଣ ଅ.ସ ନିମ୍ନୋକ୍ତ ପ୍ରବାଦକୁ ବ୍ୟବହାରିକ ରୂପେ ସତ୍ୟ ବୋଲି କାର୍ଯ୍ୟାକାରୀ କଲେ। ଅତଏବ୍ ସେହି ଫାର୍ସି ପ୍ରବାଦଟି ଏହିପରି, ہر کہ عارف تر است ترساں تر ଅର୍ଥାତ୍ ଯେଉଁ ବ୍ୟକ୍ତି ଯେତେ ଅଧ୍ୟାତ୍ମବାଦୀ (ଈଶ୍ୱରଙ୍କୁ ଚିହ୍ନିଥାଏ) ସେହି ବ୍ୟକ୍ତି ସେତିକି ଭଗବାନଙ୍କୁ ଭୟ କରିଥାଏ ଏବଂ ଭଗବାନଙ୍କ ଭୟ ନିଜ ମନ ଭିତରେ ପୋଷଣ କିରଥାଏ । ସେ ଯାହା ହେଉ ଭୂମିକମ୍ପ ଆରମ୍ଭ ହେବା ମାତ୍ରେ ଆପଣ ଅ.ସ ପରିବାରବର୍ଗ ଓ ସନ୍ତାନ ସମେତ ଅଲ୍ଲାଃତାଲାଙ୍କ ସମକ୍ଷରେ ଦୁଆ କରିବା ଆରମ୍ଭ କରିଦେଲେ ଓ ନିଜର ପାଳନକର୍ତ୍ତାଙ୍କ ସମ୍ମୁଖରେ ନତମସ୍ତକ ହେଲେ । ଅନେକ ସମୟ ପର୍ଯ୍ୟନ୍ତ ରୁକୁରେ ଛିଡ଼ା ହେବା, ସମଗ୍ର ପରିବାରବର୍ଗ ଏବଂ ଖୁଦ୍ଦାମଙ୍କ ସମେତ ଅଲ୍ଲାଃତାଲା ସମ୍ମୁଖରେ (ସିଜ୍‌ଦାରେ) ପଡ଼ି ରହିଲେ ଏବଂ ଈଶ୍ୱରଙ୍କ ନିଃସ୍ପୃହତା ଠାରୁ ଭୟଭୀତ ଓ ଭୀତତ୍ରସ୍ତ ହୋଇ ରହିଲେ ।

**( ଜିକ୍ରେ ହବିବ୍, ଲେଖକ-ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-102)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବାଜମାଅତ୍ ନମାଜ୍‌ର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ଯେହେତୁ ଆଜିକାଲି ଲୋକମାନେ ଦୂର ଦୂରରେ ରହୁଛନ୍ତି ଏବଂ ମସ୍‌ଜିଦ୍‌କୁ ଆସିବା କଷ୍ଟକର ଅଟେ । ତେଣୁ ସେହି କାଳରେ ଯେତେ ବ୍ୟବଧାନ ତଥା ଦୂରତା ହେଉଥିଲା ଏବଂ ବାହନ ମଧ୍ୟ ସେତେବେଳେ ଉପଲବ୍ଧ ନଥିଲା, ସେତେବେଳେ ଲୋକମାନେ ଘରେ ନମାଜ୍ ପାଠ କରି ନେଉଥିଲେ। କିନ୍ତୁ ବର୍ତ୍ତମାନ ଲୋକମାନଙ୍କୁ ଘରେ ପୃଥକ୍ ଭାବରେ ନମାଜ ପାଠ କରିବା ଅନୁଚିତ୍। ବରଂ ବାଜମାଅତ୍ ନମାଜ ପାଠ କରିବା ଉଚିତ୍ ।" ଆପଣ ର.ଅ କୁହନ୍ତି: "ନମାଜ୍ ବାଜମାଅତ୍‌ର ଏକ ବିଧି ଏହା ମଧ୍ୟ ରହିଛି ଯେ, ସ୍ତ୍ରୀ ପିଲା ଛୁଆମାନଙ୍କୁ ସାଙ୍ଗରେ ଧରି ବାଜମାଅତ୍ ନମାଜ ପାଠ କରିନିଆଯାଉ (କରିନେବା ଉଚିତ୍) । ଯଦି ମସ୍‌ଜିଦ୍ ଯାଇପାରୁ ନାହଁ ତେବେ ଘରେ ହିଁ ବାଜମାଅତ୍ ନମାଜ୍ କରିନିଅ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, "ଯେହେତୁ ବ୍ୟବଧାନ ଯୋଗୁଁ ପୃଥକ୍ ଭାବରେ ନମାଜ୍ ପାଠ କରିବାର ଅଭ୍ୟାସ ପଡ଼ି ଯାଇଛି ଏବଂ ବାଜମାଅତ୍ ନମାଜ୍‌ର ମହତ୍ତ୍ୱ ଲୋକମାନଙ୍କ ହୃଦୟରେ ହ୍ରାସ ପାଇଛି । ସେଇଥି ପାଇଁ ଆଜି ମୁଁ ଏହିସବୁ କାରଣ ଦେଖିବାକୁ ପାଉଛି । ଅଥଏବ୍ ଉକ୍ତ ଅଭ୍ୟାସକୁ ପରିତ୍ୟାଗ କରିଦିଅ ଏବଂ ନମାଜ୍ ବାଜମାଅତ୍‌ର ଅଭ୍ୟାସ ପକାଅ । ଆଜି ମଧ୍ୟ ଯେଉଁ ଯେଉଁଠି ତ୍ରୁଟି ଏବଂ ଦୁର୍ବଳତା ରହିଛି ସେଠାରେ ଲୋକମାନଙ୍କୁ ଉକ୍ତ କଥାର ଧ୍ୟାନ ରଖିବା ଉଚିତ୍ । ଆପଣମାନେ ଘରମାନଙ୍କରେ ଛୋଟ ପିଲାମାନଙ୍କ ସହିତ ନମାଜ ପାଠ କରନ୍ତୁ । ଏହା ଦ୍ୱାରା ପିଲାମାନଙ୍କୁ (ସନ୍ତାନମାନଙ୍କୁ) ମଧ୍ୟ ନମାଜ୍ ପାଠ କରିବାର ଅଭ୍ୟାସ ପଡ଼ିବ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସଙ୍କ ଉଦାହରଣ ଦେଇ କୁହନ୍ତି: "ଯେତେବେଳେ ଆପଣ ଅ.ସ ନମାଜ୍ ପାଇଁ ଘରୁ ଯାଇପାରୁ ନଥିଲେ ସେପରି ଅବସରରେ ଆପଣ ଘରେ ହିଁ ବାଜମାଅତ୍ ନମାଜ୍ ପାଠ କରି ନେଉଥିଲେ ଏବଂ ଏପରି କୌଣସି ବାଧ ବାଧକତା ହେଉଥିଲା ତେବେ ସେପରିପ୍ରେକ୍ଷୀରେ ଆପଣ ପୃଥକ୍ ନମାଜ୍ ପାଠ କରୁଥିଲେ । ଆପଣ ଅ.ସ ଆମ ମାତାଶ୍ରୀଙ୍କୁ ଅନେକ ସମୟରେ ସାଙ୍ଗରେ ଧରି ବାଜମାଅତ୍ ନମାଜ୍ ପାଠ କରି ନେଉଥିଲେ ଏବଂ ମାତାଶ୍ରୀଙ୍କ ସହିତ ଅନ୍ୟ ମହିଳାମାନେ ମଧ୍ୟ ସାମିଲ୍ ହୋଇ ଯାଉଥିଲେ ।" **(ବାଆଜ୍ ଅହମ୍ ଜରୁରୀ ଉମୁର୍‌ରୁ ଉଦ୍ଧୃତ, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-16,  ପୃ-493)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସୟେଦ୍ ଜୈନୁଲ୍ ଆବିଦିନ ୱଲିଉଲ୍ଲାଃ ଶାହ୍ ସାହେବ ର.ଅଙ୍କ ଏକ ବର୍ଣ୍ଣନା ରହିଛି । ଆପଣ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ 1935 ମସିହାରେ ସିୟାଲକୋଟ୍ ଗଲି, ସେଠାରେ ମୋର ସାକ୍ଷାତ୍ ଜଣେ ବୃଦ୍ଧା ମହିଳା ମାଈଁ ଯାହାଙ୍କ ନାମ ହୟାତ୍ ବିବି ଥିଲା ତାଙ୍କ ସହିତ ହେଲା । ସେ ଫଜଲ୍ ଦିନ ସାହେବଙ୍କର ସୁପୁତ୍ରୀ ଥିଲେ ଏବଂ ହାଫିଜ୍ ତଥା କାରି ମୁହମ୍ମଦ୍ ଶଫିଇ ସାହେବଙ୍କର ମାତାଶ୍ରୀ ଥିଲେ। ମୋତେ ତାଙ୍କୁ ଭେଟିବାର ସୁଯୋଗ ଯେତେବେଳେ ପ୍ରାପ୍ତ ହେଲା ସେତେବେଳେ ମାତାଶ୍ରୀ ନିଜ ଭବନର ଏରୁଣ୍ଡି ବନ୍ଧ ଉପରେ ବସିଥିଲେ । ଆମେମାନେ ତାଙ୍କୁ ଚିହ୍ନି ପାରିଲୁ ନାହୁଁ । କିନ୍ତୁ ସେ ଆମମାନଙ୍କୁ ଚିହ୍ନି ପକାଇଲେ । ସେ ଆମମାନଙ୍କୁ **ଅସ୍ସଲାମୁ ଅଲୈକୁମ୍** କହିଲେ ଏବଂ ଆମକୁ କହିଲେ, ଏପଟକୁ ଆସନ୍ତୁ । ମାତାଶ୍ରୀଙ୍କ ବୟସ ସେତେବେଳେ 105 ବର୍ଷ ଥିଲା । ସେ କହିଲେ ଯେ, ବିଦ୍ରୋହ କାଳରେ ଏଠାରେ ଦଳା ଚକଟା ହୋଇଥିଲା । ମାତାଶ୍ରୀ ନିଜ ସଂପର୍କରେ କହିଲେ ଯେ, ମୋର ବୟସ କେତେ ଅଟେ (ମୁଁ କେତେ ଦୀର୍ଘାୟୁ ଅଟେ) । ଯେତେବେଳେ କାର୍ଯ୍ୟାଳୟ ଏବଂ କଚେରୀକୁ ନିଆଁ ଲଗାଇ ଦିଆଯାଇଥିଲା ସେତେବେଳେ ମୁଁ ଯୁବତୀ ଥିଲା । ସେ ଯାହା ହେଉ ଏହି ଚର୍ଚ୍ଚା କରିବା ପରେ କଥାବାର୍ତ୍ତା କରିବା ସମୟରେ ସେ କହିଲେ, ମୁଁ ମିର୍ଜା ସାହେବଙ୍କ ଅର୍ଥାତ୍ ମସିହ୍ ମଉଦ୍ ଅ.ସଙ୍କୁ ସେବେ ଠାରୁ ଚିହ୍ନିଛି ଯେତେବେଳେ ଆପଣ ଅ.ସ ପ୍ରଥମ ଥର କରି ସିୟାଲ୍‌କୋଟ ଆସିଥିଲେ ଏବଂ ଚାକିରୀ ଜୀବନ କାଳରେ ଏଠାରେ ବାସ କରୁଥିଲେ । ମିର୍ଜା ସାହେବଙ୍କ ବୟସ ସେତେବେଳେ ଏପରି ଥିଲା ଯେପରିକି ଆପଣ ଅ.ସଙ୍କ ଚେହେରାରେ ଜାଇଥିଲା ଏବଂ ଆପଣ ଅ.ସଙ୍କ ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ଦାଢି ଆସି ନଥିଲା । ସିୟାଲକୋଟ୍ ଆସିବା ପରେ ହ. ମିର୍ଜା ସାହେବ ମୋ ପିତାଶ୍ରୀଙ୍କ ଘରକୁ ଆସିଲେ ଏବଂ ତାଙ୍କୁ ଡାକ ମାରିଲେ ଓ କହିଲେ, ମିଆଁ ଫଜଲ୍ ଦିନ୍ ସାହେବ ଆପଣଙ୍କ ଯେଉଁ ଦ୍ୱିତୀୟ ଭବନ୍ (ଘର) ରହିଛି ତାହା ଆପଣ ମୋତେ ରହିବା ନିମନ୍ତେ ଦେଇ ଦିଅନ୍ତୁ । ଆପଣ ଅ.ସ ଘରଭଡ଼ା ନେଇଥାଆନ୍ତି। ମୋ ପିତାଶ୍ରୀ କବାଟ ଖୋଲିଲେ ଏବଂ ଆପଣ ଅ.ସ ଭିତରକୁ ପ୍ରବେଶ କଲେ । ଜଳ, ଖଟ, ମୁସଲ୍ଲା (ଯାନମାଜ୍) ଇତ୍ୟାଦି ଘର ଭିତରେ ରଖା ହୋଇଥିଲା । ପିତାଶ୍ରୀ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମିର୍ଜା ସାହେବଙ୍କର ଜିନିଷ ପତ୍ର ସାଙ୍ଗରେ ରଖିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଅଭ୍ୟାସ ଥିଲା ଯେ, ଯେତେବେଳେ ଆପଣ କଚେରୀରୁ ଫେରୁଥିଲେ ସେତେବେଳେ ପ୍ରଥମେ ମୋ ପିତାଶ୍ରୀଙ୍କୁ ଡାକୁଥିଲେ ଏବଂ ତାଙ୍କୁ ସାଙ୍ଗରେ ଧରି ଘର ଭିତରକୁ ଯାଉଥିଲେ । ମିର୍ଜା ସାହେବଙ୍କ ଅଧିକ ସମୟ ମୋ ପିତାଶ୍ରୀଙ୍କ ସହିତ ଉଠା ବସା ଥିଲା । ମିର୍ଜା ସାହେବଙ୍କ ଆହାର ମଧ୍ୟ ଆମ ଘରେ ରନ୍ଧା ହେଉଥିଲା । ମୋ ପିତାଶ୍ରୀ ହିଁ ମିର୍ଜା ସାହେବଙ୍କୁ ଆହାର ପହଞ୍ଚାଉଥିଲେ । ମିର୍ଜା ସାହେବ ଭିତରକୁ ଯାଉଥିଲେ ଏବଂ କବାଟ୍ ବନ୍ଦ କରି ନେଉଥିଲେ ଏବଂ ଭିତରେ ପ୍ରାଙ୍ଗଣ (ଅଗଣା)କୁ ଯାଇ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ । ମୋ ପିତାଶ୍ରୀ କହୁଥିଲେ ଯେ, ମିର୍ଜା ସାହେବ ପବିତ୍ର କୁରଆନ୍ କରୀମ୍ ପାଠ କରିବା ସମୟରେ ସିଜଦା ପଡ଼ି ଯାଉଥିଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ସିଜଦା କରୁଥିଲେ । ଏପର୍ଯ୍ୟନ୍ତକି ଆପଣ ଅ.ସ ଯେତେବେଳେ କାନ୍ଦୁ ଥିଲେ ସେତେବେଳେ ଭୂମି ଓଦା ହୋଇଯାଉଥିଲା । ମାତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ଆମମାମନଙ୍କୁ ଅନେକ ଥର କହିଲେ ଯେ, ମୁଁ ଆପଣ ଅ.ସଙ୍କ ନାମରେ ଉତ୍ସର୍ଗ ହୋଇଯିବି । ଏହି ବିବୃତ୍ତି ସେ ନିଜ ସୁପୁତ୍ରର ଉପସ୍ଥିତିରେ ଦେଇଛନ୍ତି।
**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-3, ପୃ-594-595, ବର୍ଣ୍ଣନା ସଂଖ୍ୟା-3)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ.ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ମୀର୍ ହସନ୍ ସାହେବ ଯେକି ଡଃ. ଅଲ୍ଲାମା ଇକ୍‌ବାଲ୍ ସାହେବଙ୍କ ଶିକ୍ଷକ ଥିଲେ ତାଙ୍କର ଏକ ବୃତ୍ତାନ୍ତ ବର୍ଣ୍ଣନା କିରଛନ୍ତି ଯେ, ଯେ, ହ. ମିର୍ଜା ସାହେବ ପ୍ରଥମେ ମହଲ୍ଲା କାଶ୍ମୀରିୟାଁ ଠାରେ ଯାହାକି ଏହି ବିନୀତ୍ ପାପୀ, ପାପଗ୍ରସ୍ତ ଦୀନ କୁଟୀର (ବାସ ଭବନ)ର ଅତି ନିକଟବର୍ତ୍ତୀ ଅବସ୍ଥିତ, ଉମ୍ରା ନାମକ ଜନୈକ୍ କାଶ୍ମୀରୀ ବ୍ୟକ୍ତିର ବାସ ଭବନରେ ଭଡ଼ାରେ ରହୁଥିଲେ । ମୌଲବୀ ମୀର୍ ହସନ୍ ସାହେବ ଯେତବେଳେ କଚେରୀରୁ ଘରକୁ ଫେରୁଥିଲେ ସେତେବେଳେ ଆପଣ ପବିତ୍ର କୁରଆନ୍ କରୀମ୍‌ର ତିଲାଓ୍ୱତ୍‌ରେ ନିମଗ୍ନ ହୋଇଯାଉଥିଲେ । ଆପଣ ବସିକି, ଛିଡ଼ା ହୋଇକି, ବୁଲିକି ତିଲାଓ୍ୱତ୍ କରୁଥିଲେ ଏବଂ ଧାର ଧାର ହୋଇ ରୋଦନ (କାନ୍ଦୁଥିଲେ) କରୁଥିଲେ । ଏପରି ବିନୀତତା ଏବଂ ବିନମ୍ରତାର ସହିତ ତିଲାଓ୍ୱତ୍ କରୁଥିଲେ ଯେ, ତାହାର ଦୃଷ୍ଟାନ୍ତ ମିଳେ ନାହିଁ । ଆପଣ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଯୁଗାଭ୍ୟାସ ଅନୁଯାୟୀ ଯେପରି ପଦାଧିକାରୀମାନେ ଜୀବିତ ମହୋଦୟଙ୍କ କଚେରୀର କାର୍ଯ୍ୟ ଏବଂ ସୁପାରିଶ ନିମନ୍ତେ ଆପଣଙ୍କ ନିକଟକୁ ଯିବା ଆସିବା କରୁଥିଲେ । କାରଣ ସେମାନଙ୍କର ମକଦ୍ଦମା ତାଙ୍କ ସପକ୍ଷରେ ହୋଇଯାଉ । ଏହା ଲୋକମାନଙ୍କର ଅଭ୍ୟାସ ହୋଇଥାଏ ଟି । ଲୋକମାନେ ନିଜର ସୁପାରିଶ୍ ନିମନ୍ତେ ଅମକ ସ୍ଥାନ ଏବଂ ଅମକ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚି ଯାଆନ୍ତି । କୌଣସି ଅଦାଲତ୍‌ରେ କାର୍ଯ୍ୟ କରୁଥିବା ବ୍ୟକ୍ତି ପାଖରେ ତ' ଲୋକମାନେ ଯାଇଥାଆନ୍ତି । ଅତଏବ୍ ସେ ଉଲ୍ଲେଖ କରନ୍ତି ଯେ, ସେହି ଉମ୍ରା (ବ୍ୟକ୍ତିର ନାମ) ଯେକି ବାସ ଭବନର ମାଲିକ ଥିଲା, ତା'ର ବଡ଼ ଭାଇ ଯାହାଙ୍କ ନାମ ଫଜଲ୍ ଦିନ ସାହେବ ଥିଲା । ସାହିରେ ତାଙ୍କୁ ସମ୍ମାନ ଦୃଷ୍ଟିରେ ସମସ୍ତେ ଦେଖୁଥିଲେ (ସମ୍ମାନ ପ୍ରଦର୍ଶନ କରୁଥିଲେ) । ଏକ ଅବସରରେ ସେ ଲୋକମାନଙ୍କୁ କଚେରୀରେ ନିଜ ପାଖରେ ବସିଥିବାର ହ. ମସିହ୍ ମଉଦ୍ ଅ.ସ ଦେଖିଲେ ଏବଂ ମିଆଁ ଫଜଲ୍ ଦିନ ସାହେବଙ୍କୁ ଡକାଇଲେ ଯେ, ମିଆଁ ଫଜଲ୍ ଦିନ ସାହେବ ଏମାନଙ୍କୁ ଆପଣ ଟିକେ ବୁଝାଇ ଦିଅନ୍ତୁ ଯେ, ଏମାନେ ଏଠାକୁ ନଆସନ୍ତୁ, ଏମାନେ ନିଜର ସମୟ ଅପଚୟ କରନ୍ତୁ ନାହିଁ, ଏମାନେ ମୋର ସମୟ ଯେପରି ବର୍ବାଦ୍ ନ କରନ୍ତି । ମୁଁ କିଛି କରିପାରିବି ନାହିଁ । ମୁଁ ହାକିମ୍ ନୁହେଁ । ମୋ ଦ୍ୱାରା ଯେତିକି ହୋଇପାରିବ ମୁଁ କଚେରୀରେ ତାହା ସମ୍ପାଦନ କରିଥାଏ । ତେଣୁ ମିଆଁ ଫଜଲ୍ ଦିନ୍ ସାହେବ ସେମାନଙ୍କୁ ବୁଝା ସୁଝା କରି ବାହାର କରି ଦେଉଥିଲେ ।
**(ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-1, ଭାଗ-3, ପୃ-370-371)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପଟିୟାଲାର ଜଣେ ଅଣଅହମଦି ବ୍ୟକ୍ତି ଯାହାଙ୍କ ନାମ ମୁନ୍‌ସୀ ଅବ୍‌ଦୁଲ୍ ୱାହିଦ୍ ସାହେବ ଥିଲା ସେ ହୁଜୁର ର.ଅଙ୍କ ତିଲାଓ୍ୱତ୍ ସଂପର୍କରେ ବର୍ଣ୍ଣନା କରନ୍ତି ଯେ: "ହୁଜୁର ଅ.ସ 15 ବର୍ଷ ବୟସରେ ଦିନ ତମାମ୍ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ ଏବଂ ଗ୍ରନ୍ଥ ତଳେ ଟୀପ୍ପଣୀ ଲେଖୁଥିଲେ ।"
**(ତାରିଖେ ଅହମଦିୟତ୍, ଗ୍ରନ୍ଥଖଣ୍ଡ-1, ପୃ-64)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସଲେହ୍ ମଉଦ୍ ର.ଅ ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସଙ୍କ ସଂପର୍କରେ ଉଲ୍ଲେଖ କରି କୁହନ୍ତି: "ମିର୍ଜା ସାହେବଙ୍କୁ ବାଲ୍ୟାବସ୍ଥାରୁ ହିଁ ନିଜ ପିତାଶ୍ରୀଙ୍କ ଜୀବନରେ ଏପରି ଏକ ତିକ୍ତ ଉଦାହରଣ ଦେଖିବାକୁ ସୁଯୋଗ ପ୍ରାପ୍ତ ହେଲା ଯେ, ଆପଣ ଅ.ସଙ୍କ ସ୍ୱଭାବ ସଂସାରରୁ ଶିଥିଳ ହୋଇଗଲା । ଯେତେବେଳେ ଆପଣ ଅ.ସ ଛୋଟ ପିଲା ଥିଲେ ସେତେବେଳେ ମଧ୍ୟ ଆପଣ ଅ.ସଙ୍କ ସମସ୍ତ ଇଚ୍ଛା ଏବଂ ମନସ୍କାମନା ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ନିମନ୍ତେ ସମର୍ପିତ ଓ ଉଦ୍ଦିଷ୍ଟ ହୋଇଥିଲା । ସୁତରାଂ ଆପଣ ଅ.ସଙ୍କ ଜୀବନୀ ଲେଖାଳୀ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଆପଣ ଅ.ସଙ୍କ ବାଲ୍ୟକାଳର ଏକ ବିଚିତ୍ର ଘଟଣା ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଉଲ୍ଲେଖ କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି: "ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱଳ୍ପ ବୟସ ହୋଇଥିଲା ସେତେବେଳେ ଆପଣଙ୍କର ଏକ ସମୟ ବୟସ୍କ ଝିଅକୁ ଯାହା ସହିତ ପରବର୍ତ୍ତୀ ସମୟରେ ଆପଣ ବିବାହ ହୋଇଥିଲା । ଆପଣ ସେହି ଝିଅକୁ କହୁଥିଲେ ଯେ, ହେ ଅକୃତକାର୍ଯ୍ୟ ଝିଅ ! ତୁମେ ଟିକିଏ ଦୁଆ କର ଯେ, ଈଶ୍ୱର ମୋତେ ନମାଜ୍ ପାଠ କରିବାକୁ ସୁଯୋଗ ପ୍ରଦାନ କରନ୍ତୁ । ଉକ୍ତ ପଂକ୍ତିରୁ ବାଲ୍ୟକାଳର ବୟସ ସଂପର୍କରେ ଜ୍ଞାତ ହୋଇଥାଏ ଯେ, ବାଲ୍ୟ କାଳରୁ ହିଁ ଆପଣ ଅ.ସଙ୍କ ହୃଦୟରେ କିପରି ଭାବାବେଗ ନିହିତ ରହିଥିଲା ଏବଂ ଆପଣ ଅ.ସଙ୍କ ମନୋବାଞ୍ଛା ତଥା ମନସ୍କାମନାର କେନ୍ଦ୍ର କେବଳ ଓ କେବଳ ଈଶ୍ୱର ହିଁ ହୋଇଥିଲା । ତତ୍‌ସହିତ ଆପଣ ଅ.ସଙ୍କ ବୁଦ୍ଧି ସଂପର୍କରେ ମଧ୍ୟ ଜଣାପଡ଼େ ଯେ, ପିଲାଟି ଦିନରୁ ହିଁ ଆପଣ ଅ.ସଙ୍କର ପ୍ରଖର ଓ ବିଚକ୍ଷଣ ବୁଦ୍ଧି ସୃଷ୍ଟି ହୋଇଯାଇଥିଲା। କାରଣ ଉକ୍ତ ବାକ୍ୟରୁ ଏହା ଜ୍ଞାତ ହୁଏ ଯେ, ସେତେବେଳେ ମଧ୍ୟ ଆପଣ ଅ.ସ ସମସ୍ତ ଇଚ୍ଛାକୁ ପରିପୂର୍ଣ୍ଣକାରୀ କେବଳ ଅଲ୍ଲାଃତାଲାଙ୍କୁ ହିଁ ମନେକରୁଥିଲେ ଏବଂ ଉପାସନାର ସାମର୍ଥ୍ୟ ପ୍ରଦାନ କରିବା ମଧ୍ୟ ପ୍ରଭୁଙ୍କ ଉପରେ ନିର୍ଭର ଅଟେ ବୋଲି ଆପଣ ଜାଣିଥିଲେ। ଆପଣ ଏକଥା ଜାଣିଥିଲେ ଯେ, ନମାଜ୍ ପାଠ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ଓ ସେହି ଇଚ୍ଛାକୁ ପୂରଣ କଲାବାଲା ଅଲ୍ଲାଃତାଲା ହିଁ ଅଟନ୍ତି। ପୁନଶ୍ଚ ସେହି ଘରେ ଲାଳିତ ପାଳିତ ହୋଇ ଯାହାଙ୍କର ଛୋଟ ବଡ଼ ସଂସାରକୁ ହିଁ ନିଜର ଈଶ୍ୱ ବୋଲି ମନେକରୁଥିଲେ, ଏହା ଏପରି ଏକ କଥା ଅଟେ ଯେ, ତାହା ଏପରି ବ୍ୟକ୍ତିର ହୃଦୟରେ କଦାପି ସୃଷ୍ଟି ହୋଇପାରିବ ନାହିଁ ଯେଉଁ ବ୍ୟକ୍ତିର ହୃଦୟ ସଂସାରିକ ଅପମିଶ୍ରଣ ଠାରୁ ପ୍ରତ୍ୟେକ ଦୃଷ୍ଟିରୁ ପବିତ୍ର ଅଟେ ଏବଂ ସଂସାରରେ ମହା ବିପ୍ଳବ ସୃଷ୍ଟି କରିଦେବା ନିମନ୍ତେ ଈଶ୍ୱରଙ୍କ ଠାରୁ ସାହାଯ୍ୟ ପ୍ରାପ୍ତ କରିବା ବ୍ୟତୀତ କଦାପି ସମ୍ଭବପର ହୋଇ ପାରିବ ନାହିଁ ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ର.ଅ, ପୃ-9, ପ୍ରକାଶକ- ଖୁଦାମୁଲ୍ ଅହମଦିୟା ପାକିସ୍ତାନ )**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ କହିଲେ, ମୁଁ ବାଲ୍ୟକାଳରୁ ହିଁ ରୋଜା ରଖିବାର ଅଭ୍ୟସ୍ତ ଅଟେ । ଏକଦା ବାଲ୍ୟକାଳରେ ମୁଁ ରୋଜା ରଖି ଅସୁସ୍ଥ ହୋଇଗଲି । କିନ୍ତୁ ଏହା ପରେ ମୁଁ 29ଟି ପୂର୍ଣ୍ଣ ରୋଜା ରଖିଲି । ମୋତେ ଯେତେବେଳେ ରୋଜା ରଖିବାରେ କଷ୍ଟ ହେଉ ନଥିଲା ସେତେବେଳେ ଏହା ମୋ ନିମନ୍ତେ ଉଲ୍ଲାସର ଇଦ୍ ଥିଲା । ରୋଜା ରଖିବା ଦ୍ୱାରା ବିଶେଷ କଲ୍ୟାଣ ପ୍ରାପ୍ତ ହୋଇଥାଏ । ଯେପରି ପ୍ରତ୍ୟେକ ଫଳରେ ଭିନ୍ନ ଭିନ୍ନ ସ୍ୱାଦ ରହିଥାଏ ଠିକ୍ ସେହିପରି ପ୍ରତ୍ୟେକ ଉପାସନାରେ ମଧ୍ୟ ଭିନ୍ ଭିନ୍ନ ଆନନ୍ଦ ହୋଇଥାଏ । ଉପାସନାରେ ସେହି ଆଧ୍ୟାତ୍ମିକତା ରହିଛି ଯାହାକୁ ମନୁଷ୍ୟ ବର୍ଣ୍ଣନା କରି ପାରିବ ନାହିଁ । ଯଦି ସ୍ପୃହା ଏବଂ ଆଗ୍ରହ ରହିଛି ତେବେ ଦୁଃଖ ଏବଂ କଷ୍ଟ କମ୍ ହୋଇ ଯାଇଥାଏ । ତେଣୁ ଏହା ଉଚିତ୍ ହେବ ଯେ, ଉପାସନାରେ ମନୁଷ୍ୟର ଆତ୍ମା ଅତ୍ୟନ୍ତ ସୂକ୍ଷ୍ମ ସ୍ତର ମଧ୍ୟ ଦେଇ ଜଳ ପରି ପ୍ରବାହିତ ହୋଇ ଈଶ୍ୱରଙ୍କ ସହିତ ଯାଇ ମିଶିଯାଉ ।
**(ଜିକ୍ରେ ହବିବ୍, ଲେଖକ- ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-193)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିଖ୍ୟାତ ନେତା ଜଫର୍ ଅଲୀ ଖାନ୍ ସାହେବ ନମାକ ଜଣେ ବ୍ୟକ୍ତି ଥିଲେ । ତାଙ୍କ ପିତାଙ୍କ ନାମ ମୌଲବୀ ସିରାଜୁଦ୍ଦୀନ ସାହେବ ଥିଲା । ଖବର କାଗଜ ଜମିନ୍ଦାରର ସମ୍ପାଦକ ଜଫର୍ ଅଲୀ ଖାନ୍ ସାହେବଙ୍କ ପିତାଶ୍ରୀ ମୌଲବୀ ସିରାଜୁଦ୍ଦୀନ୍ ସାହେବ ଥିଲେ । ମୌଲବୀ ସିରାଜୁଦ୍ଦୀନ୍ ସାହେବ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସିୟାଲକୋଟ୍ ଠାରେ କାର୍ଯ୍ୟବ୍ୟସ୍ତତା ସଂପର୍କରେ ଉଲ୍ଲେଖ କରନ୍ତି ଯେ, 1877 ମସିହାରେ ଦିନେ ଆମକୁ ରାତ୍ରରେ କାଦିୟାନ୍‌ରେ ଆପଣ (ମସିହ୍ ମଉଦ୍ ଅ.ସଙ୍କ) ଘରେ ଆତିଥ୍ୟତାର (ଅତିଥି ହେବାର) ସୌଭାଗ୍ୟ ପ୍ରାପ୍ତ ହେଲା । ସେହି ଦିନମାନଙ୍କର ମଧ୍ୟ ଆପଣ ଅ.ସ ଉପାସନା ଏବଂ ଜପରେ ଏପରି ନିମଜ୍ଜିତ ରହୁଥିଲେ ଯେ, ଆପଣ ଅତିଥିମାନଙ୍କ ସହିତ ଆପଣ ଅ.ସ କମ୍ କଥାବାର୍ତ୍ତା କରୁଥିଲେ । **(ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-1, ଭାଗ-3, ପୃ-374)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣନା କରନ୍ତି ଯେ, "ଭାଇ ଅବ୍‌ଦୁର୍ ରହମାନ କାଦିୟାନୀ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଇଦୁଲ୍ ଅଜହା 1900 ମସିହାରୁ ଗୋଟିଏ ଦିନ ପୂର୍ବେ ହଜ୍ ଦିନ ଥିଲା, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ (ଖଲିଫା ଅଓ୍ୱଲ୍ ର.ଅ)ଙ୍କୁ କହିଲେ ଯେ, ମହୋଦୟ ! ମୁଁ ଏହି ହଜ୍ ଦିନଟିକୁ ବିଶେଷ


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقۡتُ الۡجِنَّ وَالۡاِنۡسَ اِلَّا لِيَعۡبُدُوۡنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَّذَكِّرۡ فَاِنَّ الذِّكۡرٰى تَنۡفَعُ الۡمُؤۡمِنِيۡنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କ-କୁଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ରୂପେ ଦୁଆରେ ଅତିବାହିତ କରିବାକୁ ଚାହୁଁଛି । ତେଣୁ ଯେଉଁ ବନ୍ଧୁମାନେ ଦୁଆ ନିମନ୍ତେ ଆବେଦନ ପତ୍ର ଦେବାକୁ ଚାହୁଁଛନ୍ତି ସେମାନେ ନିଜର ନାମ ଲେଖି ଏବଂ ସୂଚୀ ତିଆରି କରି ମୋତେ ପ୍ରେରଣ କରି ଦିଅନ୍ତୁ । ସୁତରାଂ ହ. ଭାଇ ଅବଦୁର୍ ରହମାନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ସେଦିନ ଏତେ ମାତ୍ରାରେ ହ. ମୌଲବୀ ନୁରୁଦ୍ଦୀନ୍ ର.ଅଙ୍କ ମାଧ୍ୟମରେ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଦୁଆ ପତ୍ର ପହଞ୍ଚିଲା ଏବଂ କେତେକ ବ୍ୟକ୍ତି ସିଧା ସଳଖ ଦୁଆ ପତ୍ର ଲେଖି ହୁଜୁର୍ ଅ.ସଙ୍କ ସେବାରେ ପ୍ରେରଣ କଲେ । ଯେହେତୁ ସେହି କାଳରେ ଇଦ୍ ଅବସରରେ ବାହାର ସ୍ଥାନରୁ ଅନେକ ବନ୍ଧୁମାନେ ଇଦ୍ ନମାଜ ପାଠ କରିବା ନିମନ୍ତେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କୁ ସାକ୍ଷାତ୍ କରି ଉପକୃତ ହେବା ନିମନ୍ତେ ସେମାନେ କାଦିୟାନ୍ ଚାଲି ଆସୁଥିଲେ । ସେମାନେ ଏକ ଆଦୃଷ୍ଟ ଆହ୍ୱାନରେ ସାମିଲ୍ ହୋଇଗଲେ ଏବଂ ଏହି ଦିନ କାଦିୟାନ୍‌ରେ ବିଶେଷ ଦୁଆ ଏବଂ ଅସାଧାରଣ ଆକୁଳ ନିବେଦନ ଓ ଅତ୍ୟନ୍ତ କଲ୍ୟାଣର ସହିତ ଅତିବାହିତ ହେଲା।" **(ସିରତେ ତୈୟେବା, ଲେଖକ- ହ. ସାହିବଜାଦା ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ, ପୃ- 204)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ନିଜର ସେହି ଅବସ୍ଥାକୁ ଯାହା ବାଜମାଅତ୍ ନମାଜ୍ ନିମନ୍ତେ ଆପଣ ଅ.ସଙ୍କ ମନରେ ସୃଷ୍ଟି ହୋଇଥିଲା ତାହା ସଂପର୍କରେ ବର୍ଣ୍ଣନା କରି ଏକ ସଭାରେ କହିଲେ: "ମୋ ମୁଣ୍ଡର ଅବସ୍ଥା ଆଜି ମଧ୍ୟ ଭଲ ନୁହେଁ । ମୁଣ୍ଡ ବୁଲାଉଛି । ଅର୍ଥାତ୍ ମୁଣ୍ଡ ବୁଲାଇବାର ସମସ୍ୟା ଥିଲା । ଯେତେବେଳେ ଜମାଅତ୍ (ନମାଜ୍ ପାଠ ପାଇଁ ଜମାଅତ୍ ଛିଡ଼ା ହେବା)ର ସମୟ ଆସୁଥିଲା, ଅର୍ଥାତ୍ ବାଜମାଅତ୍ ନମାଜ୍‌ର ସେତେବେଳେ ଏହି ଧାରଣା ଅତିକ୍ରାନ୍ତ ହୋଇଥାଏ ଯେ, ସବୁ ଜମାଅତ୍ ଥିବ (ବାଜମାଅତ୍ ନମାଜରେ ସମସ୍ତେ ଥିବେ) ଆଉ ମୁଁ ସାମିଲ୍ ହେବି ନାହିଁ? ଅର୍ଥାତ୍ ଲୋକମାନେ ଏକତ୍ରିତ ହେବେ, ବାଜମାଅତ୍ ନମାଜ୍ ହେଉଥିବ ଏବଂ ମୁଁ ସେତେବେଳେ ବାଜମାଅତ୍ ନମାଜ୍‌ରେ ସାମିଲ୍ ହେବି ନାହିଁ । ବଡ଼ ଦୁଃଖ ଓ ଅନୁତାପ ହୋଇଥାଏ ଯେ, ତେଣୁ ମୁଁ ଅତି କଷ୍ଟରେ ପଡ଼ି ଉଠି ଧାଇଁ ଚାଲି ଆସୁଥିଲି ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-1, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଆଜି ମଧ୍ୟ ମୁଣ୍ଡ ବୁଲାଉଛି । କିନ୍ତୁ କୌଣସି ମତେ ପଡ଼ି ଉଠି ମୁଁ ମସ୍‌ଜିଦ୍ ଚାଲି ଆସିଛି। ପୁନଶ୍ଚ ଆପଣ ଅ.ସ କହିଲେ, ସେ ଯାହା ହେଉ ଉଦ୍ୟମ କରି ମୁଁ ପୁଣି ମସ୍‌ଜିଦ୍‌କୁ ଚାଲି ଆସିଥାଏ ଏବଂ ଥରେ ନୁହେଁ ବରଂ ଅନେକ ଥର ହୋଇଥାଏ ଏବଂ ଆଜି ମଧ୍ୟ ଏହା ହିଁ ହୋଇଛି ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୌଲାନା ଅବ୍‌ଦୁଲ୍ କରୀମ୍ ସାହେବ ସିୟାଲକୋଟୀ ର.ଅ କୁହନ୍ତି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ସାକ୍ଷାତ୍ ସ୍ଥାନ ସାଧାରଣତଃ ମସ୍‌ଜିଦ୍ ହିଁ ହେଉଥିଲା । ଆପଣ ଯଦି ଅସୁସ୍ଥ ହେଉ ନଥିଲେ ତେବେ ଆପଣ ପାଞ୍ଚବେଳା ନମାଜ ବାଜମାଅତ୍ ହିଁ ପାଠ କରୁଥିଲେ ଓ ବାଜମାଅତ୍ ନମାଜ୍ ପଇଁ ଆପଣ କେବଳ ତାଗିଦ୍ କରି ନାହାନ୍ତି ବରଂ ବାରମ୍ବାର କହିଛନ୍ତି ଯେ, ଏହାଠୁ ଅଧିକ ଅନ୍ୟ କୌଣସି କଥା ପାଇଁ ମୁଁ ଦୁଃଖିତ ହୋଇ ନଥାଏ ଯେତେ ମୁଁ ଜମାଅତ୍ ପାଇଁ ଦୁଃଖିତ ହୋଇଥାଏ, ଅର୍ଥାତ୍ ଜମାଅତ୍ ସହିତ ନମାଜ ପାଠ ନକଲେ ମୁଁ ଦୁଃଖିତ ହୋଇଥାଏ ।" ହୁଜୁର୍ ଅନୱର୍ ଅ.ବ କହିଲେ, ମୌଲବୀ ଅବଦୁଲ୍ କରୀମ୍ ସାହେବ ସିୟାଲକୋଟୱୀ ର.ଅ କୁହନ୍ତି: "ମୋର ମନେଅଛି ଯେ, ଯେତେବେଳେ ଲୋକମାନଙ୍କର ଯାତାୟତ ଏବଂ ଗହଳି କମ୍ ଥିଲା, ଆପଣ ଅ.ସଙ୍କର ଏହି ମନସ୍କାମନା ରହିଥିଲା ଏବଂ ଆପଣ ଅ.ସ ଏହା କହୁଥିଲେ ଯେ, "ଏପରି ହୁଅନ୍ତା କି ! ମୋର ନିଜ ଜମାଅତ୍ (ସଂପ୍ରଦାୟ ଏବଂ ନମାଜ ପାଠକାରୀମାନେ) ଥାଆନ୍ତା, ସେହି ସଂପ୍ରଦାୟ ସହିତ ମିଶି ମୁଁ ପାଞ୍ଚବେଳା ନମାଜ୍ ପାଠ କରି ଥାଆନ୍ତି ।" ଆପଣ ଅ.ସ କୁହନ୍ତି: "ମୁଁ ଦୁଆରେ ବ୍ୟସ୍ତ ଅଟେ ଏବଂ ଆଶା କରୁଛି ଯେ, ଅଲ୍ଲାଃତାଲା ମୋର ଦୁଆକୁ ସ୍ୱୀକାର କରିବେ....... ଆଜି ଈଶ୍ୱରଙ୍କ ଏହି କୃପା ରହିଛି ଯେ, ନମାଜ୍ ପାଠକାରୀମାନଙ୍କର ସଂଖ୍ୟା ୪୦, ୨୦ ହୋଇଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ବର୍ତ୍ତମାନ ତ' ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ଦେଶରେ ଆମମାନଙ୍କର ମସ୍‌ଜିଦ୍ ମଧ୍ୟ ରହିଛି । ତେଣୁ ଆମମାନଙ୍କୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ନିଜର ମସ୍‌ଜିଦ୍ ଗୁଡ଼ିକୁ ପାଞ୍ଚବେଳା ନମାଜ ପାଠକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖନ୍ତୁ ଓ ଏହି ଉଦ୍ୟମ କରନ୍ତୁ ଯେ, ଆପଣମାନେ ପ୍ରତ୍ୟେକଟି ନମାଜ୍ ବାଜମାଅତ୍ ପାଠ କରିବେ ।" ମୌଲବୀ ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ନମାଜ୍ କର୍ତ୍ତବ୍ୟ ନିର୍ବାହ କରିବା ପରେ ଆପଣ ତୁରନ୍ତ ଗୃହ ମଧ୍ୟକୁ ଚାଲି ଆସୁଥିଲେ ଏବଂ ଲେଖାଲେଖି କାର୍ଯ୍ୟରେ କାର୍ଯ୍ୟ ବ୍ୟସ୍ତ ହୋଇଯାଉଥିଲେ । ଆପଣ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଫର୍ଜ ନମାଜ୍ ପରେ ଆପଣ ମସ୍‌ଜିଦ୍‌ରେ ବସି ରହୁଥିଲେ ଏବଂ ଖାଦ୍ୟ ମଧ୍ୟ ସେହିଠାରେ ହିଁ ବନ୍ଧୁମାନଙ୍କ ସହିତ ମିଶି ଖାଉଥିଲେ ଏବଂ ଇଶା ନମାଜ୍ ପାଠ କରି ଆପଣ ଭିତରକୁ ଚାଲି ଆସୁଥିଲେ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ସିୟାଲ୍‌କୋଟୱୀ ର.ଅ, ପୃ-43ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁସ୍ ସତ୍ତାର୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ହ. ସାହେବ ଅ.ସଙ୍କ ଦାବି ପୂର୍ବରୁ ଏକ ଛୋଟିଆ ମସ୍‌ଜିଦ୍ ମୁବାରକ୍ ନାମରେ ଏକ ମସଜିଦଟି ନିର୍ମିତ ହୋଇଛି । ହ. ମସିହ୍ ମଉଦ୍ ଅ.ସ ଜୋହୋର୍, ଅସର୍ ଏବଂ ମଗରିବ୍ ଓ ଇଶା ଜମାଅତ୍ ସହିତ ପାଠ କରୁଥିଲେ । ଆମେ ତିନିଜଣ କେବଳ ସାଙ୍ଗରେ ନମାଜ ପାଠ କରୁଥିଲୁ । ଅର୍ଥାତ୍ ମିଆଁ ଗୁଲାବ୍, ଅବ୍‌ଦୁସ୍ ସତ୍ତାର ସାହେବ ଓ ମିଆଁ ଜାନ୍ ମୁହମ୍ମଦ ସାହେବ ମୁକ୍‌ତଦି ହେଉଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁସ୍ ସତ୍ତାର୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ସାହେବ ଯେଭଳି ନମାଜ ପାଠ କରୁଥିଲେ ସେହି ଶୈଳୀ ମୋତେ ଜଣା । ଅର୍ଥାତ୍ ପ୍ରତ୍ୟେକ ନମାଜ୍‌କୁ ଆପଣ ରୋଦନ, ବିନୀତତା, ବିନମ୍ରତା ଓ ବିଳାପର ସହିତ ପାଠ କରୁଥିଲେ । ଅର୍ଥାତ୍ ଯେପରି ଜଣେ ସନ୍ତାନ ନିଜ ମାତା ପିତାଙ୍କ ସମ୍ମୁଖରେ କାନ୍ଦି କାନ୍ଦି କୌଣସି ଜିନିଷ ମାଗିଥାଏ ଠିକ୍ ସେହିଭଳି ନମାଜ୍ ଆମ ମୁକ୍‌ତଦି (ଇମାମ୍‌ଙ୍କ ପଛରେ ନମାଜ ପାଠ କରୁଥିବା ଅନ୍ୟ ନମାଜ ପାଠକାରୀମାନେ)ମାନଙ୍କ ହୃଦୟ ଉପରେ ଗଭୀର ପ୍ରଭାବ ପଡୁଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୀର୍ ସିରାଜୁଲ୍ ହକ୍ ସାହେବ ନୁମାନୀ ର.ଅ ବର୍ଣ୍ଣନା କରନ୍ତି ଯେ: "ହ. ମସିହ୍ ମଉଦ୍ ଅ.ସ ଯେଉଁ ଯନାଜାଃ ନମାଜ ପାଠ କରୁଥିଲେ, **ସୁବହାନଲ୍ଲାଃ** (ଅଲ୍ଲାଃତାଲା ପବିତ୍ର ଅଟନ୍ତି), ସୁବହାନଲ୍ଲା, ଆହ୍ କି ଅତି ଉତ୍ତମ ଏବଂ ନିୟମିତ ରୂପେ ସୁନ୍ନତ୍ ଅନୁଯାୟୀ ପାଠ କରୁଥିଲେ । ଶତାଧିକ ଥର ଆପଣ ଅ.ସଙ୍କୁ ନମାଜ୍ ଯନାଜାଃ ହାଜିର୍ (ଉପସ୍ଥିତ) ଏବଂ ଗାଏବ୍ (ଅନୁପସ୍ଥିତ) ପାଠ କରାଇବା ଓ ଅପଣ ଅ.ସଙ୍କ ପଛେ ପାଠ କରିବାର ସୁଯୋଗ ଏହି ବିନୀତକୁ ପ୍ରାପ୍ତ ହୋଇଛି । ଏକଦାର ଚର୍ଚ୍ଚା ହେବ ଯେ, ଯେତେବେଳେ ସ୍ୱର୍ଗତ ମିଆଁ ଜାନ୍ ମୁହମ୍ମଦ୍ ସାହେବ କାଦିୟାନୀ ମୃତ୍ୟୁବରଣ କଲେ ସେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯନାଜାଃ ସହିତ ପ୍ରସ୍ଥାନ କଲେ । ସ୍ୱର୍ଗତ ମହୋଦୟ ଆପଣ ଅ.ସଙ୍କ ଅନୁଗାମୀ ଏବଂ ପ୍ରେମିକ ଓ ଉତ୍ସର୍ଗୀକୃତଙ୍କ ମଧ୍ୟରୁ ଅନ୍ୟତମ ଥିଲେ..... । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ସ୍ୱର୍ଗତ ମିଆଁ ଜାନ୍ ମୁହମ୍ମଦଙ୍କୁ ବହୁତ୍ ଭଲ ପାଉଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ପାଖରେ ସମୟ ନଥାଉ ପଛେ । କିନ୍ତୁ ଯେତେବେଳେ ସ୍ୱର୍ଗତ ମହୋଦୟ ଆସୁଥିଲେ ସେତେବେଳେ ଆପଣ ଅ.ସ ସମସ୍ତ କାମ ଛାଡ଼ି ସ୍ୱର୍ଗତଙ୍କୁ ଭେଟ କରୁଥିଲେ । ଅତଏବ୍ ଯେତେବେଳେ ସ୍ୱର୍ଗତ ମହୋଦୟଙ୍କର ଯନାଜାଃ କବରସ୍ତାନକୁ ଗଲା ସେତେବେଳେ ହ. ମସିହ୍ ମଉଦ୍ ଅ.ସ ନମାଜ୍ ଯନାଜାଃ ପାଠ କରାଇଲେ ଏବଂ ନିଜେ ଆପଣ ଅ.ସ ଇମାମ୍ ହେଲେ । ଆପଣ ନମାଜ୍ ଯନାଜାଃ ପାଠ କରିବାରେ ଏତେ ସମୟ ନେଲେ ଯେ, ଆମ ମୁକ୍‌ତଦି (ଇମାମ୍‌ଙ୍କ ପଛରେ ନମାଜ ପାଠ କରୁଥିବା ବ୍ୟକ୍ତିମାନେ)ଙ୍କ ଗୋଡ଼ ଛିଡ଼ା ହେବା ଫଳରେ ବିନ୍ଧିବାକୁ ଲାଗିଲା ଏବଂ ହାତ ଦରଜ୍ କରିବାକୁ ଲାଗିଲା। ଅନ୍ୟମାନଙ୍କୁ ତ' ମୁଁ କହୁ ନାହିଁ ଯେ, ସେମାନଙ୍କ ଉପରେ କ'ଣ ବିତିଲା ? କିନ୍ତୁ ମୁଁ ନିଜର ବୃତ୍ତାନ୍ତ ଶୁଣାଉଛି ଯେ, ଛିଡ଼ା ହୋଇ ମୋର ଅବସ୍ଥା ବିଗିଡ଼ି ଗଲା ଏବଂ ଏମିତି ବିଗିଡ଼ିଲା ଯେ, ମୁଁ ଏପରି ସମସ୍ୟାର କେବେ ବି ସମ୍ମୁଖୀନ ହୋଇ ନଥିଲି ଅର୍ଥାତ୍ ମୁଁ ଚେତାଶୂନ୍ୟ ହୋଇ ପଡ଼ିଲି । ସ୍ୱାସ୍ଥ୍ୟାବସ୍ଥା ଏଇଥି ପାଇଁ ବିଗିଡ଼ିଲା ଯେ, ଆମେମାନେ ତ' ଦି ମିନିଟରେ ନମାଜ୍ ଯନାଜାଃ ପାଠ ଓ ସମାପ୍ତ ହେଉଥିବାର ଦେଖିଅଛୁ । ପୁନଶ୍ଚ ମୋର ଚେତା ଫେରିଲା ସେତେବେଳକୁ ମୁଁ ଜାଣିବାକୁ ପାଇଲି ଯେ, ପ୍ରକୃତ ନମାଜ ତ' ଏହାକୁ ହିଁ କୁହାଯାଏ । ଅର୍ଥାତ୍ ମୋତେ ପରବର୍ତ୍ତୀ ସମୟରେ ଉପାସନାର ପ୍ରକୃତ ଅର୍ଥ ସଂପର୍କରେ ସମ୍ୟକ ଧାରଣା ପ୍ରାପ୍ତ ହେଲା । ଏହାପରେ ମୁଁ ନିୟମିତ ହୋଇଗଲି ଏବଂ ଏକ ଆନନ୍ଦ ଏବଂ ଆସ୍ୱାଦନ ମୋ ମଧ୍ୟରେ ସୃଷ୍ଟି ହେବାକୁ ଲାଗିଲା । ମୋ ମନ ଖାଲି ଏହା ଚାହୁଁଥିଲା ଯେ, ବର୍ତ୍ତମାନ୍ ହ. ମସିହ୍ ମଉଦ୍ ଅ.ସ ଆହୁରି ନମାଜ୍ ଦୀର୍ଘ କରନ୍ତୁ । ଅର୍ଥାତ୍ ଆପଣ ର.ଅ ନିଜର ସାଥିମାନଙ୍କ ମଧ୍ୟରେ ମଧ୍ୟ ଏପରି ଅଭ୍ୟାସ ସୃଷ୍ଟି କଲେ। ନମାଜ୍‌ର ଅଭ୍ୟାସ ପକାଇଲେ ଯେ, ସେମାନଙ୍କୁ ମଧ୍ୟ ଆନନ୍ଦ ଆସିବାକୁ ଲାଗିଲା ଏବଂ ସେମାନେ ମଧ୍ୟ ଏହାର ସ୍ୱୀକାରୋକ୍ତି ପ୍ରକାଶ କଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟ କୁହନ୍ତି ଯେ: "ଆମେମାନେ ଯେତେବେଳେ ନମାଜ ଯନାଜାଃ ପାଠ କରି ସାରିଲୁ ସେତେବେଳେ ହ. ମସିହ୍ ମଉଦ୍

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଅ.ସ ବାସ ଭବନ ଅଭିମୁଖେ ପ୍ରସ୍ଥାନ କଲେ । ଜଣେ ବ୍ୟକ୍ତି କହିଲା, ହୁଜୁର୍ ! (ଅଲୈସ୍ ସଲାତୁ ୱସ୍ ସଲାମ୍) ନମାଜରେ ଏତେ ସମୟ ଲାଗିଲା ଯେ, ଆମେମାନେ କ୍ଲାନ୍ତ (ଥକି) ହୋଇଯାଇଛୁ । ହୁଜୁରଙ୍କ କେଉଁ ଅବସ୍ଥା ହୋଇଥିବ ଅର୍ଥାତ୍ ଆପଣ ଅ.ସ ମଧ ଥକି ଯାଇଥିବେ ।" ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ: "କ୍ଲାନ୍ତ ସହିତ ମୋର କି ସଂପର୍କ ? ମୁଁ ତ' ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରୁଥିଲି । ଦୁଆ ମାଧ୍ୟମରେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ସ୍ୱର୍ଗତଙ୍କ ନିମନ୍ତେ କ୍ଷମାଯାଚନା ଏବଂ ସଦୟତା ଭିକ୍ଷା କରୁଥିଲୁ । ଭଲା ମାଗିଲାବାଲା କେବେ କ୍ଲାନ୍ତ ହୁଏ କି ? ଯେଉଁ ବ୍ୟକ୍ତି ମାଗିବାରୁ କ୍ଲାନ୍ତ ହୋଇପଡ଼େ ସେ ସେମିତି ହିଁ ବଞ୍ଚିତ ରହି ଯାଇଥାଏ । ଆମେମାନେ ହେଉଛେ ମାଗିଲାବାଲା (ପ୍ରଶ୍ନକର୍ତ୍ତା) ଏବଂ ସେ ହେଉଛନ୍ତି ପ୍ରଦାନକାରୀ (ଦେଲାବାଲା)। ତେଣୁ କ୍ଲାନ୍ତ (ଆଳସ୍ୟତା) ପୁଣି କାହିଁକି ? ଯେଉଁଠି ସାମାନ୍ୟ (ଟିକିଏ ବି) ଆଶା ଥାଏ ସେଠାରେ ପ୍ରଶ୍ନକର୍ତ୍ତା (ମାଗିଲାବାଲା) ଅଡ଼ି ବସିଥାଏ ଏବଂ ଏକେଶ୍ୱରବାଦଙ୍କ ଆସ୍ଥାନରେ ହିଁ ସକଳ ଆଶା ରହିଛି । କାରଣ ସେ ପ୍ରଦାନକାରୀ ଅଟନ୍ତି, ସେ ୱହାବ୍ (ଅଧିକ ପ୍ରଦାନକାରୀ ଅଟନ୍ତି), ସେ ରହମାନ୍ (ଅଶେଷ ଦୟାବାନ୍) ଅଟନ୍ତି, ସେ ରହିମ୍ (ସଦା କରୁଣାମୟ) ଅଟନ୍ତି, ସେ ମାଲିକ୍ (ପ୍ରଭୁ) ଅଟନ୍ତି ଏବଂ ସେ ସର୍ବ ଶକ୍ତିମାନ ଅଟନ୍ତି । ତେବେ ଥକିବାର (କ୍ଲାନ୍ତ ହେବାର) କୌଣସି ପ୍ରଶ୍ନ ଉଠୁ ନାହିଁ ।"**(ତଜ୍କିରତୁଲ୍ ମେହଦୀ, ଲେଖକ-ପୀର୍ ସିରାଜୁଲ୍ ହକ୍ ନୁମାନୀ ର.ଅ, ପୃ-75-78)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ମଧ ଉକ୍ତ ମାନସିକତାର ସହିତ ନିଜର ନମାଜ୍‌କୁ ସମ୍ପାଦନ ତଥା ପାଠ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଆମେମାନେ ତ' ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ ମଧ ଏହି ଶପଥ ସହିତ ନେଇଛୁ ଯେ, ନମାଜ୍ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଅନୁଯାୟୀ ପାଠ କରିବୁ । ଅଲ୍ଲାଃତାଲାଙ୍କ ଉପକାରକୁ ମନେ ପକାଇ ତାହାଙ୍କ ପ୍ରଶଂସା ଗାନ କରି ନମାଜ ପାଠ କରିବୁ । ଅଲ୍ଲାଃତାଲା ଆମମାନଙ୍କୁ ଏହି ଅଙ୍ଗୀକାରକୁ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍ୱର୍ ଅ.ବ କହିଲେ, ନମାଜ୍ ପରେ ମୁଁ ଦୁଇଟି ନମାଜ୍ ଯନାଜାଃ ପାଠ କରିବି । **ପ୍ରଥମ** ଯନାଜାଃ ହେଲା ଶ୍ରୀମତି ସ୍ୱର୍ଗତା ଅମତୁଶ୍ ଶରୀଫ୍ ସାହେବାଙ୍କର। ଆପଣ ମହମୁଦ୍ ଅହମଦ ବଟ୍ ସାହେବ ଡେରିୟାଁୱାଲା ନାରୋୱାଲଙ୍କର ପତ୍ନି ଥିଲେ। ବିଗତ ଦିନରେ 84 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । اناللهواناالیہراجعون । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କରିଥିଲେ । ସ୍ୱର୍ଗତା ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ମୌଲବୀ ଉମ୍ର ଦିନ୍ ସାହେବ ଯେକି ଗୁଜୁରାଟ୍ ଜିଲ୍ଲାର ଶାଦିୱାଲ୍‌ଙ୍କର କନ୍ୟା ଥିଲେ । ମୌଲବୀ ଉମର୍ ଦିନ୍ ସାହେବ ନିଜର ଏକ ସ୍ୱପ୍ନ ଯୋଗୁଁ 1903 ମସିହାରେ ହ. ମସିହ୍ ମଉଦ୍ ଅ.ସଙ୍କ ଝେଲମ୍ ଯାତ୍ରା ସମୟରେ ଆପଣ ଅ.ସଙ୍କ ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଶୋକ ସନ୍ତପ୍ତ ପରିବାରରେ ସ୍ୱାମୀଙ୍କ ବ୍ୟତୀତ, 6ଟି ପୁତ୍ର ସନ୍ତାନ ଏବଂ 5ଟି କନ୍ୟା ସନ୍ତାନ ଅଛନ୍ତି ଓ ପୌତ୍ର ପୌତ୍ରୀମାନେ ମଧ ରହିଛନ୍ତି । ଆପଣଙ୍କର ଗୋଟିଏ ପୁତ୍ର ଆସିଫ୍ ମହମୁଦ୍ ବଟ୍ ସାହେବ ଦାରୁସ୍ ସଲାମ୍ ତାନ୍‌ଜାନିୟାରେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ କର୍ମ ଭୂମିରେ କର୍ମରତ ଥିବା ହେତୁ ନିଜର ମାତାଶ୍ରୀଙ୍କ ଯନାଜାଃରେ ଏବଂ କବର ଦେବାରେ ସାମିଲ୍ ହୋଇପାରିଲେ ନାହିଁ । ତାଙ୍କର ଜଣେ ପୌତ୍ର ଉସ୍ୱାମା ବଟ୍ ମଧ ଏଠାରେ ମୁବଲ୍ଲିଗ୍ ଅଟନ୍ତି । ସେହିପରି ସ୍ୱର୍ଗତାଙ୍କର ଜ୍ୱାଇଁ ମଧ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସ୍ୱର୍ଗତାଙ୍କ ବଂଶ ୱାକ୍‌ଫେ ଜିନ୍ଦିଗୀଙ୍କ ବଂଶ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ସୁପୁତ୍ର ଆସିଫ ମେହ୍‌ମୁଦ୍ ବଟ୍ ସାହେବ ଯେକି ତାନ୍‌ଜାନିୟାରେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି, ସେ ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀଣୀ ଥିଲେ । ମାତାଶ୍ରୀଙ୍କ ସବୁଠାରୁ ଅନନ୍ୟ ଗୁଣାବଳୀ ହେଲା ଅଲ୍ଲାଃତାଲାଙ୍କ ସହିତ ସଂପର୍କ । ମାତାଶ୍ରୀଙ୍କୁ ସତ୍ୟ ସ୍ୱପ୍ନ ଆସୁଥିଲା ଏବଂ ତାହା ଅତ୍ୟନ୍ତ ସ୍ୱଷ୍ଟତାର ସହିତ ପୂର୍ଣ୍ଣ ହେଉଥିଲା । ମାତାଶ୍ରୀ ପବିତ୍ର କୁରଆନ୍ କରୀମ୍‌କୁ ଅସୀମ ରୂପେ ଭଲ ପାଉଥିଲେ । ଏହି ଗୁଣ ତାଙ୍କୁ ନିଜର ପିତାଶ୍ରୀ ଏବଂ ମୁରବୀ ବ୍ୟକ୍ତିଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ଆପଣ ପ୍ରତ୍ୟେକ ଦିନ ଫଜର୍ ନମାଜ୍ ପରେ ସାହିର ଅହମଦି ଏବଂ ଅଣ ଅହମଦି ପିଲାମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରାଉଥିଲେ । ମାତାଶ୍ରୀଙ୍କୁ ପବିତ୍ର କୁରଆନ୍ କରୀମ୍ ତିଲାୱତ୍ କରିବା ଏବଂ ଶୁଣିବା ବହୁତ ଭଲ ଲାଗୁଥିଲା । ମାତାଶ୍ରୀ ମୋ ଠାରୁ ମଧ କୁରଆନ୍ କରୀମ୍ ଶୁଣୁଥିଲେ । ଏତେ ବଡ଼ ହେବା ସତ୍ତ୍ୱେ ବି ମୁଁ ଯଦି କୌଣସି ସ୍ଥାନରେ ଅଟକି ଯାଉଥିଲି ସେତେବେଳେ ମୁଁ ଏହା ଦେଖିବା ପାଇଁ ମାତାଶ୍ରୀଙ୍କୁ ପରୀକ୍ଷା କରୁଥିଲି ଯେ, ମାତାଶ୍ରୀ କ'ଣ କହୁଛନ୍ତି ? ତେବେ ମାତାଶ୍ରୀ ତୁରନ୍ତ ପରବର୍ତ୍ତୀ ଶବ୍ଦ ପଢୁଥିଲେ । ମାତାଶ୍ରୀଙ୍କୁ ସଂପୂର୍ଣ୍ଣ କୁରଆନ୍ କରୀମ୍ ମନେଥିଲା । ମାତାଶ୍ରୀ କହୁଥିଲେ ଯେ, ବଡ଼ ବୟସରେ ମୁଁ ସବୁ ଭୁଲି ଯାଇଛି । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର କୁରଆନ୍ କରୀମ୍ ଭୁଲି ନାହିଁ। ପବିତ୍ର କୁରଆନ୍ କରୀମ୍ ମୋର ମନେଅଛି । ମାତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକକୁ ଅସାଧାରଣ ରୂପେ ଭଲ ପାଉଥିଲେ । ସର୍ବଦା କୌଣସି ନା କୌଣସି ମାତାଶ୍ରୀ ଅଧ୍ୟୟନରତ ଥିଲେ । ସେହିପରି କବିତା ସହିତ ମାତାଶ୍ରୀଙ୍କ ନିବିଡ଼ ସଂପର୍କ ଥିଲା । ଦୁର୍‌ରେ ସମିନ୍, କଲାମେ ମହମୁଦ୍, ହ. ଖଲିଫତୁଲ୍ ମସିହୁର୍ ରାବେ ର.ଅଙ୍କ ଦ୍ୱାରା ରଚିତ କବିତା ପୁସ୍ତକରୁ ଅନେକ ନଜମ୍ (କବିତା) ମାତାଶ୍ରୀଙ୍କୁ ମୁହେଁ ମୁହେଁ ମନେଥିଲା । ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ଜ୍ୱାଇଁ ମସ୍‌ଉଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ କୁହନ୍ତି ଯେ, ଯେତେବେଳେ ମୁଁ କାଦିୟାନ୍ ଗଲି ସେତେବେଳେ ମୋତେ ଶାଶୁମା କହିଲେ, ଜ୍ୱାଇଁ ପୁଅ ! ସେଠାରେ ଅର୍ଥାତ୍ କାଦିୟାନ୍‌ରେ ତୁମେ ଅଧିକରୁ ଅଧିକ ପାଦରେ ଚାଲି ଚାଲି ଯିବ । କାରଣ ସେଠାକାର ଗଳିମାନଙ୍କରେ ହ. ମସିହ୍ ମଉଦ୍ ଅ.ସ ପାଦରେ ଚାଲୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ସେହିପିର ଅଲ୍ଲାଃତାଲା ସ୍ୱର୍ଗତାଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ ସ୍ୱର୍ଗତାଙ୍କର ଦୁଆ (ଆଶୀର୍ବାଦ)ର ଅଧିକାରୀ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ଶ୍ରୀଯୁକ୍ତ ସ୍ୱର୍ଗତ ଶେଖ ବଶୀର ଅହମଦ୍ ସାହେବଙ୍କର । ଆପଣଙ୍କର ମଧ ବିଗତ ଦିନରେ 97 ବର୍ଷ ବୟସରେ ବିୟୋଗ ହୋଇଯାଇଛି । اناللهواناالیہراجعون । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ୱସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ 3 ଜଣ ପୁତ୍ର ଏବଂ 5 ଜଣ କନ୍ୟା ସନ୍ତାନ ଅଛନ୍ତି । ସ୍ୱର୍ଗତ ମହୋଦୟ ଶେଖ୍ ମୁହମ୍ମଦ୍ ଦିନ ସାହେବ ସ୍ୱର୍ଗତ ମୁଖତାର ଆମ୍ ସାହେବ ସଦର୍ ଅଞ୍ଜୁମନ ଅହମଦିୟାଙ୍କ ସାନ ପୁଅ (କନିଷ୍ଠ) ପୁତ୍ର ଥିଲେ । ସ୍ୱର୍ଗତ ଶେଖ୍ ମୁବାରକ୍ ଅହମଦ ସାହେବ ପୂର୍ବ ଆଫ୍ରିକା ଓ ୟୁ.କେର ଅମୀର୍ ତଥା ମିଶ୍‌ନାରୀ ଇନ୍‌ଚାର୍ଜ ଥିଲେ । ସେହିପରି ଶେଖ୍ ନୁର୍ ଅହମଦ ସାହେବ ମୁନୀର୍ ଆରବ୍ୟ ଦେଶର ମୁବଲ୍ଲିଗ୍‌ଙ୍କର ସାନ ଭାଇ ଥିଲେ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତ ଶେଖ ବଶୀର ଅହମଦ୍ ସାହେବ ତହଜ୍ଜୁଦ୍ ପ୍ରିୟ, ନମାଜ ଓ ରୋଜାର ନିୟମାନୁବର୍ତ୍ତୀ, ସର୍ବୋଚ୍ଚ ଉତ୍ତମ ଚରିତ୍ର ଅଧିକାରୀ ଥିଲେ । ଆପଣ ଜମାଅତ୍ ଅମହଦିୟା ଲାହୋର୍‌ର ଜଣେ ନୈଷ୍ଠିକ କର୍ମଚାରୀ ଏବଂ ସଦସ୍ୟ ଥିଲେ । ଚୌଧୁରୀ ଅସଦୁଲ୍ଲାଃ ଖାନ୍ ସାହେବ ଓ ଚୌଧୁରୀ ହମିଦ୍ ନସ୍ରୁଲ୍ଲାଃ ସାହେବଙ୍କ ଜିଲ୍ଲଇ ଆମିଲାର ସରଗରମ୍ ସଦସ୍ୟ ଥିଲେ । ଆପଣ ଅନେକ ମସ୍‌ଜିଦ୍ ନିର୍ମାଣ କରିବାରେ ଏବଂ ଜମାଅତ୍‌ର ଅନେକ ଅସଂଖ୍ୟ ସମ୍ପତ୍ତି କିଣିବାରେ ମଧ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି । ଜମାଅତ୍‌ର ଆର୍ଥିକ ଆହ୍ୱାନମାନଙ୍କରେ ଆପଣ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ ଓ ନିଜର ସନ୍ତାନମାନଙ୍କୁ ମଧ ଏଥି ନିମନ୍ତେ ଅନୁପ୍ରାଣିତ ଓ ଉତ୍ସାହିତ ମଧ କରୁଥିଲେ । ଖିଲାଫତ୍ ସହିତ ଆପଣଙ୍କର ବିଶ୍ୱସ୍ତତାମୂଳକ ସଂପର୍କ ଥିଲା । ଆପଣ ଏହି ସଂପର୍କକୁ ସର୍ବଦା ନିର୍ବାହ କରିଛନ୍ତି ଏବଂ ନିଜର ସନ୍ତାନମାନଙ୍କୁ, ନିକଟ ସଂପର୍କୀୟମାନଙ୍କୁ ମଧ ସର୍ବଦା ଏହାର ଦରସ୍ (ଶିକ୍ଷା) ଦେଉଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମୁଁ ମଧ ଦେଖିଛି ଯେ, ଆପଣ ଅତ୍ୟନ୍ତ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ ଏବଂ ଅତ୍ୟନ୍ତ ବିନୀତତାର ସହିତ ପ୍ରତ୍ୟେକଙ୍କୁ ସାକ୍ଷାତ୍ କରୁଥିଲେ । ସ୍ୱର୍ଗତଙ୍କର ସୁପୁତ୍ରୀ ଆସିଫା ସଇଦାହ୍ ସାହେବା କୁହନ୍ତି ଯେ, ପିତାଶ୍ରୀ ଫଜର୍ ନମାଜ୍ ପରେ ଅତ୍ୟନ୍ତ ସୁମଧୁର କଣ୍ଠରେ ତିଲାୱତ୍ କରୁଥିଲେ ଏହା ଆମ ସମସ୍ତ ସନ୍ତାନମାନଙ୍କ ସଂସ୍କାରର କାରଣ ହୋଇଚି । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ସ୍ୱର୍ଗତଙ୍କ ଆଉ ଜଣେ ସୁପୁତ୍ରୀ ଅଟନ୍ତି । ସେ ମଧ ଏଇଠି ରୁହନ୍ତି । ସେ କୁହନ୍ତି ଯେ, ମୋର ବିବାହ ରବ୍‌ୱା ଠାରେ ହୋଇଥିଲା । ତେବେ ପିତାଶ୍ରୀ ମୋତେ କହିଲେ, ହେ ମୋର ଗେହ୍ଲା ଝିଅ ! ତୁମେ ଅତ୍ୟନ୍ତ ସୌଭୈଗ୍ୟଶାଳୀ ଅଟ ଯେ, ତୁମେ ରବ୍‌ୱା ଭଳି ମର୍କଜକୁ ଯାଉଛ । ଅଲ୍ଲାଃତାଲା ତୁମକୁ ନିଜ ସନ୍ତାନମାନଙ୍କର ସଠିକ୍ ସଂସ୍କାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏତଦଭିନ୍ନ ପିତାଶ୍ରୀ ବାଣିଜ୍ୟ ବବ୍ୟସାୟ କରିବାରେ ଅଭ୍ୟସ୍ତ ଥିଲେ । ପିତାଶ୍ରୀ ସାଂସାରିକ କଥାବାର୍ତ୍ତା କରି ନାହାନ୍ତି। ବରଂ ସନ୍ତାନମାନଙ୍କୁ ସର୍ବଦା ଧର୍ମ ଶିକ୍ଷା ହିଁ ଦେଇଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ । ସେହିପିର ଅଲ୍ଲାଃତାଲା ସ୍ୱର୍ଗତଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ ସ୍ୱର୍ଗତାଙ୍କର ଦୁଆର (ଆଶୀର୍ବାଦର) ଅଧିକାରୀ କରନ୍ତୁ,। ଆମିନ୍ । ସେମାନଙ୍କ ସପକ୍ଷରେ ସ୍ୱର୍ଗତଙ୍କ ଦୁଆକୁ ସ୍ୱୀକାର କରନ୍ତୁ ଅଲ୍ଲାଃତାଲା । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 06 ମାର୍ଚ୍ଚ 2026 ମସିହା, ପୃ-2-8)**

☆☆☆

## 2026 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଲଜ୍‌ନା ଇମାଇଲ୍ଲାଃ ଓ ନାସ୍ରାତୁଲ୍ ଅମହମଦିୟା)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍ୱର୍ ଅ.ବ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ 2026 ମସିହା ଅକ୍ଟୋବର ମାସ 23, 24, 25 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି ।

ତେଣୁ ଜମାଅତ୍‌ର ସମସ୍ତ ଲଜ୍‌ନା ସଦସ୍ୟାଙ୍କୁ ଉପରୋକ୍ତ ତାରିଖ ସଂପର୍କରେ ଅବଗତ କରି ଦିଆଯାଉଅଛି ଯେ, ଆପଣମାନେ ଅଧିକରୁ ଅଧିକ ସଂଖ୍ୟାରେ ଲଜ୍‌ନା ଇମାଇଲ୍ଲାଃଲ ଭାରତ୍ ଓ ନାସ୍ରାତୁଲ୍ ଅହମଦିୟା ଭାରତ୍‌ର ଏହି ଆଧ୍ୟାତ୍ମିକ ଇଜ୍‌ତିମାରେ ଯୋଗ ଦେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । ସେହିପରି ନିଜ ଜିଲ୍ଲାରୁ କୌଣସି ନା କୌଣସି ପ୍ରତିନିଧିଙ୍କୁ ଉକ୍ତ ଲଜ୍‌ନାରେ ସାମିଲ୍ ହେବା ସୁନିଶ୍ଚିତ କରିବା ନିମନ୍ତେ ମଧ ଭରପୁର୍ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ଇଜ୍‌ତମାକୁ ସାଫଲ୍ୟ ମଣ୍ଡିତ କରନ୍ତୁ । **ଆମିନ୍** ।

**(ସଦର୍ ଲଜନା ଇମାଇଲ୍ଲାଃ ଭାରତ)**

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ କବିରର ଅବଶିଷ୍ଟାଂଶ

ଠିକ୍ ସେହିପରି ସୂଚନା ମୁସଲମାନମାନଙ୍କ ନିମନ୍ତେ ମଧ୍ୟ ପ୍ରଦାନ କରାଯାଇଛି । କାରଣ ମୁସଲମାନମାନଙ୍କୁ ବନି ଇସ୍ରାଇଲ୍‌ର ସମକକ୍ଷତା ଓ ସାମଞ୍ଜସ୍ୟତ ପ୍ରଦାନ କରାଯାଇଛି। ଅର୍ଥାତ୍ ଯେପରି ଆଁହଜରତ୍ ସ.ଅଙ୍କୁ ହ. ମୁସା ଅ.ସଙ୍କ ସାମଞ୍ଜସ୍ୟ ବୋଲି ବିବେଚନା କରାଯାଇଛି । ଏହାର ପ୍ରମାଣ ଏହିକି ଯେ, ସୁରାଃର ପ୍ରାରମ୍ଭରେ ଦୁଇଟି ଅଙ୍ଗୀକାରର ଚର୍ଚ୍ଚା ରହିଛି ଏବଂ ଦୁଇଟି ଶାସ୍ତି ସଂପର୍କରେ ଅଙ୍ଗୀକାର ମଧ୍ୟ ପ୍ରଦାନ କରାଯାଇଛି । ଗୋଟିଏ ଅଙ୍ଗୀକାର ବାବିଲ୍‌ର ସମ୍ରାଟ ବଖ୍ତ୍ ନସର ସପକ୍ଷରେ ତଥା କାଳରେ ସଂପୂର୍ଣ୍ଣ ହେଲା ଓ ଅନ୍ୟଟି ରୋମର ସମ୍ରାଟ୍ ଟାଇଟସ୍ ହସ୍ତରେ (କାଳରେ) ସଂପୂର୍ଣ୍ଣ ହେଲା । (ପ୍ରଥମ ରୁକୁ ଦେଖନ୍ତୁ) ଏହି ଦୁଇ ଅଙ୍ଗୀକାରରେ ମୁଁ ବନି ଇସ୍ରାଇଲ୍‌ର ଏକତ୍ରୀକରଣର ଚର୍ଚ୍ଚା ନାହିଁ । ବରଂ ସେମାନଙ୍କର ବିକ୍ଷିପ୍ତତାର ଚର୍ଚ୍ଚା ରହିଛି । ଏହାର ବିପରୀତ ଉକ୍ତ ଆୟତରେ ଏହି ଚର୍ଚ୍ଚା ରହିଛି ଯେ, ଅନ୍ୟ ଅଙ୍ଗୀକାର ସମୟରେ ବନି ଇସ୍ରାଇଲ୍‌ଙ୍କୁ ପୁନଃ ପବିତ୍ର ଭୂଖଣ୍ଡକୁ ଫେରାଇ ଅଣାଯିବ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଦ୍ୱିତୀୟ ଅଙ୍ଗୀକାର ଅନ୍ୟ କିଛି ଅଛି ଏବଂ ଦ୍ୱିତୀୟ ଅଙ୍ଗୀକାର ସମୟରେ ଏହା ମଧ୍ୟ ଜ୍ଞାତ ହେଲା ଯେ, ସେହି ଦ୍ୱିତୀୟ ଅଙ୍ଗୀକାର ସହିତ ଅନ୍ୟ କୌଣସି ପ୍ରଥମ ଅଙ୍ଗୀକାର ମଧ୍ୟ ରହିଛି । ବର୍ତ୍ତମାନ ଆମମାନେ ଯେତେବେଳେ ବିଚାର କରୁ ସେତେବେଳେ ସେହି ଅଙ୍ଗୀକାରର ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ରେ କେବଳ ଏହିପରି ମିଳେ ଯେ, ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କୁ ହ. ମୁସା ଅ.ସଙ୍କ ସାମଞ୍ଜସ୍ୟ (ତୁଲ୍ୟ ବା ପରି) ବୋଲି ବିବେଚନା କରିଛି ଏବଂ ସୁରାଃ ଫାତିହାରରେ ମୁସଲମାନମାନଙ୍କର ଏକ ଭାଗ ସଂକ୍ରାନ୍ତରେ ମଧ୍ୟ ଏହା ସୂଚନା ଦିଆଯାଇଛି ଯେ, ସେମାନେ ଗ୍ରନ୍ଥଧାରୀମାନଙ୍କ ପଦାଙ୍କ ଅନୁସରଣ କରିବେ। ଅତଏବ୍ ଏହି ଦୁଇ କଥାକୁ ଯଦି ଆମେମାନେ ଯୋଗ କରୁ ତେବେ ଏହି ଫଳାଫଳ ଆମେମାନେ ବାହାର କରିଥାଉ (ସିଦ୍ଧାନ୍ତରେ ଉପନୀତ ହେଉ) ଯେ, ବନି ଇସ୍ରାଇଲ୍‌ଙ୍କ ପରି ମୁସଲମାନମାନଙ୍କୁ ମଧ୍ୟ ଦୁଇଟି ଶାସ୍ତିର ଅଙ୍ଗୀକାର ପ୍ରଦାନ କରାଯାଇଛି । ଏଠାରେ وَعْدُ الْاٰخِرَةِରୁ ଯଥାର୍ଥ ମୁସଲମାନମାନଙ୍କର ଦ୍ୱିତୀୟ ଶାସ୍ତିର ଅଙ୍ଗୀକାର ଅଟେ ଏବଂ ଏହା କହିଲେ ଯେ, ମୁସଲମାନମାଙ୍କ ଉପରେ ଶାସ୍ତି (ବିପତ୍ତି) ଆସିବ ସେତେବେଳେ ଦ୍ୱିତୀୟ ଥର ପାଇଁ ପବିତ୍ର ଭୂଖଣ୍ଡ କିଛି କାଳ ପାଇଁ ସେମାନଙ୍କ ହାତରୁ ଖସିଯିବ । ସେତେବେଳେ ଅଲ୍ଲାଃତାଲା ପୁନଶ୍ଚ ତୁମମାନଙ୍କୁ ଫେରାଇ ଆଣିବେ । ସୁତାରଂ ଦେଖିନିଅ ଏହିପରି ହିଁ ଘଟଣା ଘଟିଛି । ଯେପରିକ ବଖ୍ତ୍ ନସର୍ କାଳରେ ଇହୁଦୀମାନଙ୍କ ହାତ ମୁଠାରୁ ପ୍ରଥମ ଥର କିର ପବିତ୍ର ଭୂଖଣ୍ଡ ଖସି ଯାଇଥିଲା ଠିକ୍ ସେହିପରି ଖ୍ରୀଷ୍ଟିଆନ୍‌ମାନଙ୍କ (ଶୂଳି) ଯୁଦ୍ଧ ସମୟରେ ମୁସଲମାନମାନଙ୍କ ହସ୍ତରୁ ପବିତ୍ର ଭୂଖଣ୍ଡ ବାହାରିଗଲା ।

**(ଦି ଇନ୍‌ସାଇକ୍ଲୋପିଡ଼ିୟା ବ୍ରିଟାନିକା, ଶବ୍ଦ- କ୍ରୁଶେଡ୍ ଯୁଦ୍ଧ)**

ପୁନଶ୍ଚ ଯେପରି ହ. ମୁସା ଅ.ସଙ୍କ 1300 ବର୍ଷ କାଳ ପରେ ହ. ମସିହ୍ ଅ.ସ୍ (ଯୀଶୁ ଖ୍ରୀଷ୍ଟ)ଙ୍କ ଶୂଳି ଘଟଣା ପରେ ପ୍ରକାଶ୍ୟ ରୂପେ ସେହି ଦେଶର ଲୋକମାନଙ୍କ ନିମନ୍ତେ ମୃତ ହୋଇ ଯାଇଥିଲେ । ବନି ଇସ୍ରାଇଲ୍‌କୁ ପୁନଃ ପବିତ୍ର ଭୂଖଣ୍ଡରୁ ବଞ୍ଚିତ ଓ ବେଦଖଲ୍ କରିଦିଆଗଲା । ସେହିପରି ସେହି କାଳରେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ବିୟୋଗକୁ ଏତେ କାଳ ଅତିବାହିତ ହୋଇଯାଇଛି ଯେ, ମୁସଲମାନମାନଙ୍କର ଦେଶ ଏବଂ ଦେଶ ପରେ ପବିତ୍ର ଭୂଖଣ୍ଡ ଖସିଗଲା । ଯେପରିକି ପବିତ୍ର କୁରଆନ୍ କରୀମ କହିଥିଲା ଯେ, ମୁସଲମାନମାନଙ୍କର ଏହି ଦ୍ୱିତୀୟ ଶାସ୍ତି ଇହୁଦୀମାନଙ୍କ ନିମନ୍ତେ ପବିତ୍ର ଭୂଖଣ୍ଡରେ ଫେରି ଆସିବାର ମାଧ୍ୟମ ପାଲଟିଗଲା ।

ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଅମ୍ବିୟା ଆୟତ୍ ସଂଖ୍ୟା 107 اِنَّ فِيْ هٰذَا لَبَلٰغًا لِّقَوْمٍ عٰبِدِيْنَର ବ୍ୟାଖ୍ୟା କରି କୁହନ୍ତି: "ଅଲ୍ଲାଃତାଲା କୁହନ୍ତି: ଆମ୍ଭେମାନେ ଜୁବୁରରେ କେତେକ ସର୍ତ୍ତାବଳୀ ବର୍ଣ୍ଣନା କରି ଏହି କଥା ଉଲ୍ଲେଖ କରିଛୁ ଯେ, ପବିତ୍ର ଭୂଖଣ୍ଡର ଉତ୍ତରାଧିକାରୀ ଆମମାନଙ୍କ ନିକଟରେ ପୁଣ୍ୟବାନ୍ ଭକ୍ତମାନେ ହିଁ ହେବେ। ତହିଁରେ ଉପାସନାକାରୀ ଭକ୍ତମାନଙ୍କ ନିମନ୍ତେ ଏକ ସନ୍ଦେଶ ରହିଛି ଏବଂ ଆମ୍ଭେ ତୁମ୍ଭଙ୍କୁ ସାରା ସଂସାର ନିମନ୍ତେ କରୁଣା ରୂପେ ଗଢି ପ୍ରେରଣ କରିଅଛୁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ବାଇବେଲ୍‌ରେ ଯେଉଁ ଭବିଷ୍ୟବାଣୀଗୁଡ଼ିକ ଉଲ୍ଲିଖିତ ଥିଲା ତାହା ଏହା ଥିଲା ଯେ, କେବଳ ଈଶ୍ୱରଙ୍କ ପୁଣ୍ୟବାନ୍ ଓ ସଦାଚାରୀ ବ୍ୟକ୍ତିମାନେ ପବିତ୍ର ଭୂଖଣ୍ଡରେ ରହିବେ । ତହିଁରୁ କାହାରିକୁ ଭ୍ରମ ନଲାଗୁ ଯେ, ବନି ଇସ୍ରାଇଲ୍ ଉକ୍ତ ଦେଶକୁ ବିଜୟ କରିନେବେ । କାରଣ ଉକ୍ତ ଭବିଷ୍ୟବାଣୀରେ ଏଥିପ୍ରତି ଇଙ୍ଗିତ ରହିଥିଲା ଯେ, ଯଦି କୌଣସି ବିରତିର ଆବଶ୍ୟକତା ପଡ଼ିଲା ତେବେ ଈଶ୍ୱରଙ୍କ ଭକ୍ତମାନେ ସେହି ଦେଶକୁ ଜୟ କରିନେବେ । ତେଣୁ ଅଲ୍ଲାଃତାଲା କୁହନ୍ତି ଯେ, ଉପାସନା ପ୍ରିୟ ଭକ୍ତମାନଙ୍କ ନିମନ୍ତେ ତହିଁରେ ଏକ ସନ୍ଦେଶ ରହିଛି । ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ମୁସଲମାନମାନଙ୍କୁ ସତର୍କ କରିଦିଅ ଯେ, ଏପରି ଏକ ସମୟ ମଧ୍ୟ ଆସିବ ଯେତେବେଳେ ବନି ଇସ୍ରାଇଲ୍ ପୁନଃ ଉକ୍ତ ଭୂଖଣ୍ଡକୁ ଅଧିକାର କରିନେବେ । ତେଣୁ ଏଠାରେ ଭକ୍ତମାନଙ୍କର ଶବ୍ଦ ଦାଉଦ୍ ଅ.ସଙ୍କ ଭବିଷ୍ୟବାଣୀ ଆଡ଼କୁ ଇଙ୍ଗିତ କରିବା ନିମନ୍ତେ ବ୍ୟବହୃତ କଲେ ଓ କହିଲେ, ମୋର ଭକ୍ତମାନଙ୍କୁ କହିଦିଅ କି ସେମାନେ ସତର୍କ ଓ ସାବଧାନ ହୋଇଯାଆନ୍ତୁ । ତୁମେମାନେ ଯଦି କୌଣସି ସମୟରେ ମୋର ଭକ୍ତ ହେବାରେ ଦୁର୍ବଳତା ପ୍ରଦର୍ଶନ କଲ ସେତେବେଳେ ଅଲ୍ଲାଃତାଲା ଇହୁଦୀମାନଙ୍କୁ ଉକ୍ତ ଦେଶକୁ ଫେରାଇ ଆଣିବେ । କିନ୍ତୁ ମୁସଲମାନମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ପୁନଃ ଉପାସନାକାରୀ ଭକ୍ତ ହୋଇ ଯାଆନ୍ତୁ । ଏହାର ପରିଣାମ ସ୍ୱରୂପ ସେମାନେ ପୁନଃ ବିଜୟ ପ୍ରାପ୍ତ କରିବେ ଏବଂ ସେମାନଙ୍କୁ ଏହା ମଧ୍ୟ ମନେରଖିବା ଉଚିତ୍ ଯେ, ରସୁଲ୍ କରୀମ୍ ସ.ଅ ସବୁ ଯୁଗ ପାଇଁ କରୁଣା ଅଟନ୍ତି । ଯେତେବେଳେ ପର୍ଯ୍ୟନ୍ତ ବନି ଇସ୍ରାଇଲ୍‌ମାନେ ପାଲେଷ୍ଟାଇନ୍ ଉପରେ ଅଧିକାର କରିନେଇ ନାହାନ୍ତି ସେତେବେଳ ପର୍ଯ୍ୟନ୍ତ ରସୁଲ୍ କରୀମ୍ ସ.ଅଙ୍କ କାଳ ସମାପ୍ତ ହେବ ନାହିଁ । କେବଳ ସେତିକି ନୁହେଁ ବରଂ ଏହାପରେ ମଧ୍ୟ ସେହି ଯୁଗ ରହିଛି ଯେଉଁ ଯୁଗ ସକାଶେ ରସୁଲୁଲ୍ଲା ସ.ଅ କରୁଣା ଅଟନ୍ତି । ତେଣୁ ନିରାଶ ହେବା ଉଚିତ୍ ନୁହଁ । ଯେତେବେଳେ ଈଶ୍ୱରଙ୍କ ଦୟା ତଥା କରୁଣା ପୁନର୍ବାର ଉତ୍ସାହିତ ହୋଇଯିବ ସେତେବେଳେ ମୁସଲମାନମାନେ ପୁନଃ ପାଲେଷ୍ଟାଇନ୍ ଉପରେ ଅଧିକାର କରିନେବେ ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-4, ସୁରାଃ ବନି ଇସ୍ରାଇଲ୍, ଆୟତ୍ ନଂ-105) (ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-5, ସୁରତୁଲ୍ ଅମ୍ବିୟା, ଆୟତ୍ ନଂ-106)** ☆☆☆

## ପୃ-2 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ତୁମେମାନେ ମୋ କଥାକୁ ଶୁଣ ! ମୁଁ ସତ ସତ କହୁଛି ଯେ, ବର୍ତ୍ତମାନ ଜିହାଦ୍‌ର ସମୟ ନୁହେଁ । ଈଶ୍ୱରଙ୍କ ପବିତ୍ର ବାର୍ତ୍ତାବହ (ହ. ମୁହମ୍ମଦ୍ ସ.ଅ)ଙ୍କ ଅବଜ୍ଞାକାରୀ ହୁଅ ନାହିଁ। ଯେଉଁ ପ୍ରତିଶ୍ରୁତ ମସିହ୍ ମଉଦ୍ ଅସିବାର ଥିଲା ସେ ଆସି ସାରିଛନ୍ତି ଏବଂ ସେ ଏହି ଆଦେଶ ଦେଲେ ଯେ, ଭବିଷ୍ୟତରେ ଯେଉଁ ଯୁଦ୍ଧ ଖଡ଼୍‌ଗ ଏବଂ ରକ୍ତପାତ ହେବ ତହିଁରୁ ତୁମେମାନେ ନିବୃତ୍ତ ରୁହ ।

ଅତଏବ୍ ଏବେ ମଧ୍ୟ ରକ୍ତପାତରୁ ନିବୃତ୍ତ ନରହିବା ଏବଂ ଏପରି ଉପଦେଶରୁ ମୁହଁ ଚୁପ୍ ନକରିବା ଇତ୍ୟାଦି ଇସ୍‌ଲାମୀୟ ପନ୍ଥା ନୁହେଁ । ଯେଉଁ ବ୍ୟକ୍ତି ମୋତେ ସ୍ୱୀକାର କରିଛି ସେ କେବଳ ସେହି ଉପଦେଶରୁ ନିଜର ତୁଣ୍ଡକୁ ବନ୍ଦ ରୋକିବ ନାହିଁ ବରଂ ଉକ୍ତ ପନ୍ଥାକୁ ଅତ୍ୟନ୍ତ ନିନ୍ଦନୀୟ, ଖରା ଓ ଈଶ୍ୱରଙ୍କ କୋପ ଅବତୀର୍ଣ୍ଣ ହେବ ବୋଲି ମନେକରିବ ।" **(ଗର୍ଣ୍ଣମେଣ୍ଟ୍ ଅଂରେଜୀ ଔର୍ ଜିହାଦ୍)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସେହିପରି କହିଲେ: "ବର୍ତ୍ତମାନ ଯେତେବେଳେ ପ୍ରତିଶ୍ରୁତ ମସିହ୍ ଆସିଗଲା ସେତେବେଳେ ପ୍ରତ୍ୟେକ ମୁସଲମାନ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଜିହାଦ୍‌ରୁ ନିବୃତ୍ତ ରହୁ । ତେଣୁ ମୁଁ ଯଦି ଆସି ନଥାଆନ୍ତି ତେବେ ସମ୍ଭବତଃ ଉକ୍ତ ଭ୍ରମଟି କ୍ଷମଣୀୟ ହୋଇଥାଆନ୍ତା । କିନ୍ତୁ ବର୍ତ୍ତମାନ ତ' ମୁଁ ଆସିଯାଇଛି ଏବଂ ତୁମେମାନେ ସେହି ଅଙ୍ଗୀକାରର ଦିନକୁ ଦେଖି ନେଇଛ ।

ତେଣୁ ବର୍ତ୍ତମାନ ଧାର୍ମିକ ରୂପେ ଖଡ଼୍‌ଗ ଉତ୍ତୋଳନକାରୀମାନଙ୍କୁ ଈଶ୍ୱରଙ୍କ ସମ୍ମୁଖରେ କୌଣସି କ୍ଷମା କି ବାହାନା ଆଉ ଚଳିବ ନାହିଁ । ଯେଉଁ ବ୍ୟକ୍ତି ଚକ୍ଷୁଧାରୀ (ଦୃଷ୍ଟି ଶକ୍ତି ସମ୍ପନ୍ନ) ଏବଂ ହଦିସ୍ ଆଦିକୁ ପାଠ କରେ ଏବଂ ପବିତ୍ର କୁରଆନ୍ କରୀମକୁ ପାଠ କରିଥାଏ ତେବେ ସେ ଭଲ ଭାବରେ ଏକଥା ବୁଝି ପାରିବ ଯେ, ଜିହାଦ୍‌ର ଏହି ପନ୍ଥାଟି ଯେଉଁ ପନ୍ଥାକୁ ସାଂପ୍ରତିକ ଯୁଗର ଅନେକ ନୃଶଂସ ବ୍ୟକ୍ତିମାନେ କାର୍ଯ୍ୟାନୁରଣ କରୁଛନ୍ତି, ଏହା ଇସ୍‌ଲାମୀୟ ପନ୍ଥା ଏବଂ ଜିହାଦ୍ ନୁହେଁ । ବରଂ ଏହା କୁକର୍ମ କରିବା ନିମନ୍ତେ ପ୍ରରୋଚିତ କରୁଥିବା ଅନ୍ତର୍ ଆତ୍ମା ଅଟେ ଯାହା ପ୍ରରୋଚିତ ହୋଇ କିମ୍ବା ବୈକୁଣ୍ଠର ଅପକ୍ୱ ଆଶା ଯୋଗୁଁ ଅବୈଧ ତଥା ଅନୈତିକ ଗତିବିଧି ଅଟନ୍ତି । ଏହି କୁଧାରଣା ମୁସଲମାନମାନଙ୍କ ମଧ୍ୟରେ ପରିବ୍ୟାପ୍ତ ହୋଇଯାଇଛି ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଦେଖ ମୁଁ ଏକ ଆଦେଶାବଳୀ ନେଇ ଆପଣମାନଙ୍କ ପାଖକୁ ଆସିଅଛି । ତାହା ଏହିକି ଯେ, ବର୍ତ୍ତମାନ ଖଡ଼୍‌ଗ ଯୁଦ୍ଧର ପରିସମାପ୍ତି ଘଟିଛି । କିନ୍ତୁ ନିଜର ଆତ୍ମାକୁ ପବିତ୍ର କରିବାର ଜିହାଦ୍ ଅବଶିଷ୍ଟ ରହିଛି। ମୁଁ ଏକଥା ନିଜ ତରଫରୁ କହୁ ନାହିଁ ବରଂ ଈଶ୍ୱରଙ୍କର ମଧ୍ୟ ଏହି ସଦିଚ୍ଛା ରହିଛି ।"

**(ଗର୍ଣ୍ଣମେଣ୍ଟ୍ ଅଂରେଜୀ ଔର୍ ଜିହାଦ୍)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜ ଦ୍ୱାରା ଲିଖିତ କବିତାରେ କୁହନ୍ତି:

اب چھوڑ دو جہاد کا اے دوستو خیال
دین کیلئے حرام ہے اب جنگ اور قتال
فرما چکا ہے سید کونین مصطفیٰ
عیسیٰ مسیح کر دیگا جنگوں کا التوا
یہ حکم سن کے بھی جو لڑائی کو جائے گا
وہ کافروں سے سخت ہزیمت اٹھائے گا

**(ତୋହ୍‌ଫା ଗୋଲଡ଼୍‌ୱିୟାହ୍, ପୃ-40)**

ବର୍ତ୍ତମାନ ନିଷ୍ପତ୍ତି ପାଠକମାନଙ୍କ ଉପରେ ଆମେ ଛାଡ଼ି ଦେଉଛୁ ଯେ, ସେମାନେ ସ୍ୱୟଂ ହିଁ ନିଷ୍ପତ୍ତି ତଥା ନିର୍ଣ୍ଣୟ କରନ୍ତୁ ଯେ, 1900 ମସିହା ପରେ ଯେତେବେଳେ ପ୍ରକୃତ ଇମାମ୍ ମେହଦୀ ତଥା ପ୍ରତିଶ୍ରୁତ ମସିହ୍ ମଉଦ୍ **(ଅବଶିଷ୍ଟାଂଶ...ପରବର୍ତ୍ତୀ ପୃଷ୍ଠାରେ)**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 16-23 April 2026 Issue No. 16-17

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ପୃ-11 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ହ. ମିର୍ଜା ଗୁଲାମ୍ ଅହମ ଦ୍ କାଦିୟାନୀ ଅ.ସ ଖଡ଼୍ଗ ଜିହାଦ୍‌ର ପରିସମାପ୍ତିର ଫତ୍‌ୱା (ଧର୍ମାଦେଶ) ଜାରି କରି ଦେଇଛନ୍ତି । ତେଣୁ ଏହା ପରେ ଯେକୌଣସି ଗୋଟିଏ ଯୁଦ୍ଧରେ ଯାହା ଜିହାଦ୍ ନାମରେ କରାଯାଇଥିବ ସେହି ଯୁଦ୍ଧରେ ମୁସଲମାନମାନଙ୍କ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ବିଜୟ ପ୍ରାପ୍ତ ହୋଇଥିବ ? କଦାପି ହୋଇ ନାହିଁ କିମ୍ବା ଏହି ଯୁଦ୍ଧ ଜିହାଦ୍ ନାଁରେ ମୁସଲମାନମାନେ ମୁସଲମାନମାନଙ୍କ ବିପକ୍ଷରେ ଲଢ଼ିଥିବେ ଏବଂ ପରସ୍ପରର ସ୍କନ୍ଧଚ୍ୟୁତ କରିଥିବେ ତଥା ଏମାନେ ଅର୍ଥାତ୍ ମୁସଲମାନମାନେ ଜିହାଦ୍ ନାମରେ କେବଳ ଇସ୍‌ଲାମ୍ ଧର୍ମକୁ ବଦ୍‌ନାମ୍ ହିଁ କରିଛନ୍ତି ଓ ଏମାନେ ଅନ୍ୟ ମୁସଲମାନମାନଙ୍କୁ କେବଳ ଦୁର୍ବଳ ହିଁ କରିଛନ୍ତି । ତୁମେମାନେ ବିଚାର କର ଓ ଟିକେ ଚିନ୍ତା କର !

ଏପରି ହୁଅନ୍ତା କି ମୁସଲମାନମାନେ ଯଦି ଈଶ୍ୱରଙ୍କ ତରଫରୁ ଆଗତ ସତ୍ୟବାଦୀ ପ୍ରତିଶ୍ରୁତ ମସିହଙ୍କ ବେଦନାପୂର୍ଣ୍ଣ ସ୍ୱର ତଥା ଡାକକୁ ଶୁଣି ନେଇଥାଆନ୍ତେ ତେବେ ଆଜି ସଂସାରରେ ମୁସଲମାନ ଅନ୍ୟ ମୁସଲମାନମାନଙ୍କର ରକ୍ତପାତ କରନ୍ତା ନାହିଁ (ହତ୍ୟା କରନ୍ତେ ନାହିଁ) ଓ ମୁସଲମାନମାନଙ୍କର ଶକ୍ତି ସକାରାତ୍ମକ କାର୍ଯ୍ୟରେ ବିନିଯୋଗ ହୋଇଥାଆନ୍ତା ! ଅତଏବ୍ ସେହି ହକମ୍ ଏବଂ ଅଦଲ୍‌ଙ୍କ ନ୍ୟାୟ ଓ ନିର୍ଣ୍ଣୟ ଆଡ଼କୁ ଆସନ୍ତୁ । ଅଲ୍ଲାଃତାଲା ଯଦି ସାମର୍ଥ୍ୟ ପ୍ରଦାନ କରନ୍ତି ତେବେ ହକମ୍ ଓ ଅଦଲ୍‌ଙ୍କର କେତେକ ନିଷ୍ପତ୍ତି ଏବଂ ନିର୍ଣ୍ଣୟ ସଂକ୍ରାନ୍ତରେ ଆସନ୍ତା ପ୍ରକାଶନରେ ବାର୍ତ୍ତାଳାପ କରାଯିବ। **ଇନ୍‌ଶାଅଲ୍ଲାଃ** ।

☆☆☆

## ବିଗତ ସଂଖ୍ୟା 15, ପୃ-12 ରେ ବର୍ଣ୍ଣିତ ସିରତୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ.....

### ଆରବ୍ୟମାନଙ୍କର ପୁରତାନ ଧର୍ମ:

ପୁନଶ୍ଚ ଆରବରେ ଅଗ୍ନିପୂଜକମାନେ ମଧ୍ୟ ବାସ କରୁଥିଲେ । ଏମେନା ତାରକା ପୂଜକ ମଧ୍ୟ ଥିଲେ । କିନ୍ତୁ ଏହି ଲୋକମାନେ ଈଶ୍ୱରଙ୍କ ଅସ୍ତିତ୍ୱର ସ୍ୱୀକାରକ ଥିଲେ । ଏହି ଧର୍ମରେ ଉପାସନାର ପ୍ରଥା ମଧ୍ୟ ରହିଥିଲା । ଗବେଷକମାନଙ୍କ ମତରେ ଏହି ଧର୍ମ ନିଜର ମୂଳ ଦୃଷ୍ଟିରୁ ଇରାନର ଧର୍ମ ଅଟେ । ଏହି ଧର୍ମ ଐଶୀବାଣୀ ଧର୍ମ ଗ୍ରହଣକାରୀ ଧର୍ମ ମଧ୍ୟରୁ ଅନ୍ୟତମ ଧର୍ମ ଥିଲା । କିନ୍ତୁ ଧୀରେ ଧୀରେ ଏହି ଧର୍ମ ବିଗିଡ଼ ଗଲା । ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଏହାର ଚର୍ଚ୍ଚା ମିଳେ । ସାଂପ୍ରତିକ କାଳରେ ପାର୍ସି ଜାତି ସେହି ଧର୍ମର ଅନୁଗାମୀ ଅଟନ୍ତି ।

ସେହିପରି ଆଉ ଏକ ଧର୍ମ ଥିଲା ଯାହାର ନାମ ସାବି ଥିଲା । ଏହାର ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ରେ ଆସିଛି । ଏହି ଧର୍ମ ଅଗ୍ନିପୂଜକ, ଇହୁଦୀ ଧର୍ମର ସମ୍ମିଶ୍ରଣ ଥିଲା। କିନ୍ତୁ ଏହା ପ୍ରତିତ ହୁଏ ଯେ, ଆରବର ଲୋକମାନେ ସାଧାରଣତଃ ସାବି ଶବ୍ଦ ପ୍ରତ୍ୟେକ ସେହି ବ୍ୟକ୍ତି ସପକ୍ଷରେ ପ୍ରୟୋଗ କରି ଦେଇଥାଆନ୍ତି ଯିଏ ନିଜର ପୁରତାନ ଧର୍ମକୁ ପରିତ୍ୟାଗ କରି ଏକେଶ୍ୱରବାଦ ସହିତ ମେଳ ଖାଉଥିବା ଧର୍ମ ସହିତ ଥିବ ତାହାକୁ ଅବଲମ୍ବନ କରି ନେଇଥିବ । ସୁତରାଂ ବେଳେବେଳେ ଆଁହଜରତ୍ ସ.ଅ ଓ ସାହାବାମାନଙ୍କୁ ମଧ୍ୟ ସାବି କହି ଡାକୁଥିଲେ । ଆରବରେ ଖ୍ରୀଷ୍ଟ ଧର୍ମ ଇସ୍‌ଲାମ୍ ଧର୍ମର ଆବିର୍ଭୂତ ହେବା ପୂର୍ବରୁ ଅନେକ ବର୍ଷ ପୂର୍ବେ ପ୍ରବିଷ୍ଟ ହୋଇ ସାରିଥିଲା ଏବଂ କେତେକ ସଂପ୍ରଦାୟମାନେ ଏହାକୁ ଅବଲମ୍ବନ କରି ନେଇଥିଲେ । ଆରବରେ ନଜ୍‌ରାନ୍ ଅଞ୍ଚଳଟି ସେହି ଧର୍ମର ବୃହତ୍ କେନ୍ଦ୍ରସ୍ଥଳୀ ଥିଲା ।

ଆରବର ଇହୁଦୀମାନେ ପ୍ରାରମ୍ଭରେ ସିରୀୟା ଆଡୁ ଆସିଥିଲେ ଏବଂ ପୁନଶ୍ଚ ଏହି ସଂପ୍ରଦାୟର ଅନୁକରଣ କରି ଅନ୍ୟ ସଂପ୍ରଦାୟମାନେ ମଧ୍ୟ ଇହୁଦୀ ହୋଇ ଯାଇଥିଲେ। ଇହୁଦୀମାନଙ୍କର ବୃହତ୍ କେନ୍ଦ୍ର ୟସ୍‌ରବ୍, ଖୈବର୍ ଓ ତିମା ଥିଲା ।

ଆଉ ଏକ ଧର୍ମ ଥିଲା ଯାହା ହ. ଇବ୍ରାହିମ୍ ଅ.ସଙ୍କ ଆଡ଼କୁ ଇଙ୍ଗିତ ହେଉଥିଲା ଏବଂ ଏକେଶ୍ୱରବାଦର ଦାବି କ ରୁଥିଲା । ସେହି ଧର୍ମର ନାମ କେତେକ ଲୋକମାନେ ହନିଫି ଧର୍ମ ବୋଲି ନାମକରଣ କରିଥିଲେ । ଆଁହଜରତ୍ ସ.ଅଙ୍କ ପ୍ରାରମ୍ଭିକ କାଳରେ ଏବଂ ଏହାର କିଛି କାଳ ପୂର୍ବରୁ କେତେକ ଲୋକମାନେ ଅତ୍ୟଧିକ ପିତୁଳା ଉପାସନାରୁ ଘୃଣ୍ୟ

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ପାଠକବୃନ୍ଦ ! ଦୟାକରି ଧ୍ୟାନ ଦିଅନ୍ତୁ ! ନଜାରତ୍ ତାଲିମ୍ ଅନ୍ତର୍ଗତ ଜମାଅ-ତ୍‌ର ଶିକ୍ଷାନୁଷ୍ଠାନମାନଙ୍କର ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି....

କାଦିୟାନ୍‌ରେ JBT ଗ୍ରେଡ଼ରେ କେତେକ ପଦବୀ ପୂରଣ କରାଯିବାର ଆବଶ୍ୟକତା ରହିଛି । ଯଥା- ପଞ୍ଜାବୀ, ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ ଭାଷା ଜାଣିଥିବା ପ୍ରାର୍ଥୀମାନେ ଯେଉଁମାନେ ସେବା ମନୋଭାବ ରଖନ୍ତି ଏବଂ ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା ରହିଛି ସେମାନେ ନଜାରତ୍ ଦିୱାନ୍ ତରଫରୁ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଫର୍ମ ଦାଖଲ କରିପାରିବେ । ପଦବୀର ବିବରଣୀ ନିମ୍ନ ଲିଖିତ ଅଟେ ।

(1) T.G.T (ଟ୍ରେଣ୍ଡ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)/JBT (ଜୁନିୟର୍ ବେସିକ୍ ଟିଚର୍) । (LADY TEACHER) ପାଇଁ ଶିକ୍ଷାଗତ୍ ଯୋଗ୍ୟତା:- 50% ପ୍ରତିଶତ ନମ୍ବର ସହିତ ସ୍ନାତକ ଏବଂ B.Ed. ସହିତ ସରକାରୀ ସ୍ୱୀକତି ପ୍ରାପ୍ତ ଅନୁଷ୍ଠାନରୁ ଅନ୍ତତଃ 3 ବର୍ଷର ଶିକ୍ଷାଦାନର ଅଭିଜ୍ଞତା ରହିଥିବା ଉଚିତ୍ । (ସ୍ନାତକୋତ୍ତୋର ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ) ।

(2) କମ୍ପ୍ୟୁଟର୍ ଟିଚର୍ (MALE TEACHER) ପାଇଁ ଶିକ୍ଷାଗତ ଯୋଗ୍ୟତା:- ସଂପୃକ୍ତ ବିଷୟରେ ଅର୍ଥାତ୍ କମ୍ପ୍ୟୁଟରରେ ସ୍ନାତକ (B.C.A) 55% ପ୍ରତିଶତ ନମ୍ବର ରଖିଥିବା ଉଚିତ୍ । ଯେକୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ 3 ବର୍ଷର ଶିକ୍ଷାଦାନର ଅଭିଜ୍ଞତା ଥିବା ଉଚିତ୍ । ସ୍ନାତକୋତ୍ତୋର ଥିବା ପ୍ରାର୍ଥୀମାନଙ୍କୁ ହିଁ ଅଗ୍ରାଧିକାର ଦିଆଯିବ।

(3) Physical Education Teacher - (MALE TEACHER) ପାଇଁ ଶିକ୍ଷାଗତ ଯୋଗ୍ୟତା:- ସଂପୃକ୍ତ ବିଷୟରେ ସ୍ନାତକ (B.P.Ed) 55% ପ୍ରତିଶତ ନମ୍ବର ରଖିଥିବା ଉଚିତ୍ ଏବଂ ଯେକୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ 3 ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଥିବା ଉଚିତ୍ ।

(4) CTET କିମ୍ବା TET ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ହିଁ ଅଗ୍ରାଧିକାର ପ୍ରଦାନ କରାଯିବ ।

(5) କେବଳ UGC ଦ୍ୱାରା ମଞ୍ଜୁର ପ୍ରାପ୍ତ ଶିକ୍ଷାନୁଷ୍ଠାର ପ୍ରମାଣ ପତ୍ର ଗ୍ରହଣୀୟ ହେବ ।

(6) ପ୍ରାର୍ଥୀର ବୟସ 20 ବର୍ଷରୁ କମ୍ ହୋଇ ନଥିବ ଏବଂ 40 ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇ ନଥିବ । ଜରୁରୀର ପରିସ୍ଥିତିରେ ବୟସ ସୀମାରେ କୋହଳତା ଉପରେ ବିଚାର କରା ଯାଇପାରିବ ।

(7) କେବଳ ସେହି ପ୍ରାର୍ଥୀମାନଙ୍କ ଚୟନ ଉପରେ ବିଚାର କରାଯିବ ଯେଉଁମାନେ କେନ୍ଦ୍ରୀୟ କର୍ମଚାରୀ ଚୟନ ନିଯୁକ୍ତି କମିଟିଙ୍କ ପକ୍ଷରୁ ନିଆଯାଇଥିବା ଲିଖିତ ପରୀକ୍ଷା ଏବଂ ମୌଖିକ ସାକ୍ଷାତ୍‌କାରରେ ସଫଳ ହେବେ ଓ ନୁର୍ ହସ୍ପିଟାଲ୍ କାଦିୟାନ୍‌ର ସ୍ୱାସ୍ଥ୍ୟ ଯାଞ୍ଚ ପରୀକ୍ଷାର ରିପୋର୍ଟ ମୁତାବକ ସୁସ୍ଥ ପ୍ରାର୍ଥୀ ବୋଲି ବିବେଚିତ ହେବ ।

(8) Selection ଅର୍ଥାତ୍ ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ରହଣୀ ନିମନ୍ତେ ନିଜେ ନିଜର ବ୍ୟବସ୍ଥା କରିବେ ।

(9) ଇଣ୍ଟରଭ୍ୟୁ ଅର୍ଥାତ୍ ସାକ୍ଷାତକାର ନିମନ୍ତେ ପ୍ରାର୍ଥୀଙ୍କୁ ଡକାଯିବା ସ୍ଥଳେ ଯାତାୟତ (ଯାଆ ଆସ୍)ର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(10) ଇଣ୍ଟରଭ୍ୟୁର ତାରିଖ ସଂପର୍କରେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

(11) ପ୍ରକାଶିତ ଆବେଦନ ଫର୍ମ ନଜାରତ୍ ଦିୱାନ୍‌ର ନିମ୍ନ ଲିଖିତ ଠିକଣା/Emailରୁ ପ୍ରାପ୍ତ କରାଯାଇ ପାରିବ ।

(12) ଆବେଦନ ଫର୍ମ, ଶିକ୍ଷାଗତ ଯୋଗ୍ୟତାର ସମସ୍ତ ପ୍ରମାଣ ପତ୍ର (Self Attested) ନକଲ (ପ୍ରତିକୃତି ବା ଜେରକ୍ସ) ସହିତ ନଜାରତ୍ ଦିୱାନ୍‌ରେ ଉକ୍ତ ଘୋଷଣାର 2 ମାସ ମଧ୍ୟରେ ପହଞ୍ଚିଯିବା ଉଚିତ୍ ।

(13) ଚଳିବା ନିମନ୍ତେ ଆଲାଉନ୍‌ସେସ୍ ଓ ଅନ୍ୟାନ୍ୟ ତଥ୍ୟ ଜାଣିବା ନିମନ୍ତେ ନିମ୍ନ ଲିଖିତ ଇ-ମେଲ୍ କିମ୍ବା ଫୋନ୍ ନଂ ମାଧ୍ୟମରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗଯୋଗ କରିପାରିବେ ।

***ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ***

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592**

**କାର୍ଯ୍ୟାଳୟ: 01872-501130**

Email:diwan@qadian.in ☆--☆--☆

## ବାମ ପାର୍ଶ୍ୱସ୍ଥ ସ୍ତମ୍ଭରେ ବର୍ଣ୍ଣିତ ସିରତୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ...

ଭାବ ପ୍ରକାଶ କରି ଅବତାରଦ୍ ସୂର୍ଯ୍ୟର ଉଦିତ କିରଣର ଅଗ୍ରୀମ ସ୍ୱରୂପ ଆଲୋକ ପ୍ରାପ୍ତ କରି ସେହି ଧର୍ମ ଆଡ଼କୁ ଆକୃଷ୍ଟ ଥିଲେ । **(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan